## ଆଦିବାସୀ କଲ୍ୟାଣ ସଂଘର ନୂତନ କର୍ମକର୍ତ୍ତା

ଗୁଡ଼ଭେଲା,(ମନୋଜ କୁମାର ଜୈନ): ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ ଗୋରୁବଜାର ପଡିଆରେ ରବିବାର ବୁଦ୍ଧୁ ଧରୁଆଙ୍କ ସଭାପତିତ୍ୱରେ ଆଦିବାସୀ କଲ୍ୟାଣ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସର୍ବସମ୍ମତି କ୍ରମେ ତୁଷୁରା ଏନଏସିସ୍ତରୀୟ ସଂଘର ଏକ କମିଟି ଗଠନ କରାଯାଇଥିଲା। ସଭାପତିଭାବେ ଗୋପାଳ ଭୋଇ, ଉପସଭାପତି କୁଞ୍ଜ ବିହାରି ତୁମନିଆ, ସମ୍ପାଦକ କୈଳାସ ଭୋଇ, କୋଷାଧ୍ୟକ୍ଷ ଉପେନ୍ଦ୍ର ପ୍ରଧାନୀଙ୍କ ସମେତ ୧୫ଜଣିଆ କମିଟି ଗଠିତ ହୋଇଥିଲା । ଉପଦେଷ୍ଟାଭାବେ ପ୍ରଦୀପ ଭୋଇ, ବୁଦ୍ଧୁ ଧରୁଆ, ବାସୁଦେବ ଭୋଇ, ଲୁଚନ ନାଏକ, ଗୋପାଳ ଭୋଇ ରହିଛନ୍ତି। ରାଧାକାନ୍ତ ପୁଟା ଧନ୍ୟବାଦ ଅର୍ପଣ କରିଥିଲେ ।

**ସଂକ୍ଷେପରେ**

## ବିଜେଡିର ଯୁବ ସମାବେଶ

ମୁରିବାହାଲ, ୨୭।୮(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ତେତେଲଖୁଣ୍ଟି ଗ୍ରାମ ପଞ୍ଚାୟତ ସଦର ମହୁକୁମାରେ ରବିବାର ବିଜୁ ଜନତା ଦଳ ଏକ ଯୁବ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସୌରଭ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତସମାବେଶରେ ମୁରିବାହାଲ ବ୍ଲକର ଶିରୋଲ, ଲେବଡା, ଓ ତେନ୍ତୁଲିଖୁଣ୍ଟି ପଞ୍ଚାୟତର ବିଭିନ୍ନ ଗାଁର ଯୁବକମାନେ ଯୋଗ ଦେଇଥିଲେ। ଯୁବ ବିଜେଡି ରାଜ୍ୟ ସମ୍ପାଦକ ଅଜିତ କୁମାର ଯୋଷୀ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମଖୀ ଯୋଜନା, ଆଗାମୀ ନିର୍ବାଚନରେ ଯୁବକମାନଙ୍କର ଭୂମିକା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କିର୍ତ୍ତିଚନ୍ଦ୍ର ବଗର୍ତ୍ତି, ପୀତାମ୍ବର ଦୀପ, ଶମ୍ଭୁ ବଗର୍ତ୍ତି, ଧନୁ ଭୋଇ, ପ୍ରଦୀପ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡି ସଂଗଠନକୁ ମୁରିବାହାଲ ବ୍ଲକରେ ଅଧିକ ମଜଭୁତ କରିବା ପାଇଁ ଆଗାମୀ ଦିନରେ ଅନ୍ୟସ୍ଥାନରେ ଯୁବ ସମାବେଶ କରାଯିବ ବୋଲି ମତପ୍ରକାଶ କରିଥିଲେ।

## ଜୁଆ କାରବାର, ଗୋରୁ ଚାଲାଣ ରୋକିବାକୁ ପଦକ୍ଷେପ ନିଆଯିବ

ଲୋଇସିଂହା, ୨୭।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ଥାନାରେ ନୂତନ ଥାନା ଅଧିକାରୀ ଭାବେ ବାସୁଦେବ ସାହୁ ଯୋଗ ଦେଇଛନ୍ତି। ଥାନା ଅଧିକାରୀ ସାହୁଙ୍କୁ ସ୍ଥାନୀୟ ବଜରଙ୍ଗ ଦଳ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆଗଲପୁର ସଂଯୋଜକ ବଳଦେବ ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକର୍ତ୍ତା ଥାନା ଅଧିକାରୀ ସାହୁଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆଗଲପୁରରେ ନିଶା, ଜୁଆ କାରବାର ସାଙ୍ଗକୁ ନିୟମିତ ଭାବେ ଗୋରୁ ଚାଲାଣ ପ୍ରମୁଖ ସମସ୍ୟା ହୋଇଥିବା ଜଣାଇଥିଲେ। ଜନସାଧାରଣଙ୍କ ସହଯୋଗରେ ଏସବୁ ରୋକିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ ସାହୁ କହିଥିଲେ।

## ହରିଜନପଡ଼ା ଦୁର୍ଗାପୂଜା ପାଇଁ କର୍ମକର୍ତ୍ତା ଚୟନ

ଦେଓଗାଁ, ୨୭।୮(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ହାତିସରା ହରିଜନ ପଡାରେ ୧୫ତମ ସାର୍ବଜନୀନ ଦୁର୍ଗାପୂଜା ପାଇଁ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ସ୍ଥାନୀୟ ଦୁର୍ଗାମଣ୍ଡପଠାରେ ବୀରେନ୍ଦ୍ର ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ନୂତନ ପରିଚାଳନା କମିଟି ସଭାପତିଭାବେ ବୀରେନ୍ଦ୍ର ସୁନା, ଉପସଭାପତି ସନ୍ତୋଷ ସୁନା, ସମ୍ପାଦକ ଧରଣୀଧର ବାରିକ, ସହସମ୍ପାଦକ ସୁଦାମ ନାଗ, କୋଷାଧ୍ୟକ୍ଷ ବିଘ୍ନରାଜ କୁଅଁର ମନୋନୀତ ହୋଇଛନ୍ତି। ଚଳିତବର୍ଷ ଦୁର୍ଗାପୂଜାକୁ ଆଡମ୍ବର ସହକାରେ ପାଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ଯୋଗୀସର୍ଡା ଦୁର୍ଗାପୂଜା ପାଇଁ ପ୍ରସ୍ତୁତି

ଲୋଇସିଂହା, ୨୭।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଯୋଗୀସର୍ଡା ୧୮ତମ ଦୁର୍ଗପୂଜା ପାଇଁ ପ୍ରସ୍ତୁତି ବୈଠକ ରବିବାର ଯୋଗେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶୁଭମ୍ କରନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକର ପ୍ରଥମ ପର୍ଯ୍ୟାୟରେ ଗତବର୍ଷର ଆୟବ୍ୟୟ ସମୀକ୍ଷା କରାଯାଇଥିଲା। ଏହାପରେ ଚଳିତ ବର୍ଷ ପୂଜା କମିଟି ପାଇଁ ନୂତନ କର୍ମକର୍ତ୍ତା ଚୟାନ କରାଯାଇଥିଲା। ସର୍ବସମ୍ମତି କ୍ରମେ ଶୁଭମ୍ କରନ ସଭାପତି, ସିଦ୍ଧାନ୍ତ ପଧାନ ସମ୍ପାଦକ, ସିପ୍ରମଜ୍ୟୋତି ବାରିକ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ପୂଜା ଅବସରରେ ଆନ୍ନପ୍ରସାଦ, ସାଂସ୍କୃତିକ ସମେତ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଆସନ୍ତା ଅକ୍ଟୋବର ୨୦ରୁ ୨୫ ପର୍ଯ୍ୟନ୍ତ ପୂଜା ପାଳନ କରାଯିବ। ଏଥିପାଇଁ ଆସ'। ୭ ତାରିଖ ଜନ୍ମାଷ୍ଟମୀ ତିଥିରେ ନିକଟସ୍ଥ ଗୋପାଳପୁର ଚଣ୍ଡି ସରରୁ ପୂଜା ପାଇଁ ମାଟି ସଂଗ୍ରହ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି।

# ବର୍ଷେ ପରେ ବି ଦାଖଲ ହୋଇନି ଚାର୍ଜଶିଟ୍

**ଜାଲ୍ ସାର୍ଟିଫିକେଟ ଦେଇ ଦୁଇ ଅଧ୍ୟାପକ ଚାକିରି ହାତେଇବା ମାମଲା**

**■ଯୋଗୀମୁଣ୍ଡା ରାଜେନ୍ଦ୍ର ମେହେର ଯୁକ୍ତ ୨ କଲେଜ**

ବଲାଙ୍ଗୀର,୨୭।୮
(ବୀରେନ୍ଦ୍ର କୁମାର ଝାଙ୍କର)

ପାଟଣାଗଡ ଥାନା ଅନ୍ତର୍ଗତ ଯୋଗୀମୁଣ୍ଡା ରାଜେନ୍ଦ୍ର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଯୁକ୍ତ୨ କଲେଜ)ରେ ଜାଲ ସାର୍ଟିଫିକେଟ ଦେଇ ଦୁଇଜଣ ଅଧ୍ୟାପକ ଚାକିରି ହାତେଇଥିଲେ। ଏଭଳିକି ଦରମା ବାବଦକୁ ସରକାରୀ ତହବିଲରୁ ଲକ୍ଷାଧିକ ଟଙ୍କା ଉଠାଇଥିଲେ। ଏହି ଘଟଣା ପ୍ରଘଟ ହେବା ଏବଂ ପାଟଣାଗଡ ଥାନାରେ ମାମଲା ରୁଜୁ ହେବାର ୧ ବର୍ଷ ୩ ମାସ ସମୟ ଅତିବାହିତ ହୋଇଯାଇଥିଲେ ମଧ୍ୟ ପୋଲିସ ଏଯାବତ୍ ଚାର୍ଜଶିଟ୍ ଦାଖଲ କରିନାହିଁ। ଇତିମଧ୍ୟରେ ଦୁଇ ଅଭିଯୁକ୍ତ ଅଦାଲତରୁ ଜାମିନ୍‌ରେ ଥିବା ଜଣାପଡିଛି। ଏହି ମାମଲାକୁ ନେଇ ପୋଲିସ ଜାଣିଶୁଣି ଅବହେଳା ଏବଂ ଉଦାସୀନତା ପ୍ରଦର୍ଶନ କରୁଥିବା ତଥ୍ୟାଭିଜ୍ଞ ମହଲରେ ଅଭିଯୋଗ ହେଉଛି। ଚାର୍ଜଶିଟ୍ ସମ୍ପର୍କରେ ପାଟଣାଗଡ ଏସଡିପିଓ ଜ୍ୟୋତିର୍ମୟ ଭୁକ୍ତାଙ୍କୁ ପଚରାଯିବାରୁ ଏହା ଏକ ଡକ୍ୟୁମେଣ୍ଟ ଜାଲ ଘଟଣା ହୋଇଥିବାରୁ ବିଶ୍ୱବିଦ୍ୟାଳୟ ଏବଂ ହ୍ୟାଣ୍ଡରାଇଟିଂ ବ୍ୟୁରୋ ପାଖକୁ ଭେରିଫିକେଶନ ପାଇଁ ବିଭିନ୍ନ ଯୋଗାଯୋଗ କରାଯାଉଛି। ଏଣୁ ଅଧିକ ସମୟ ଲାଗୁଛି ବୋଲି ସେ କହିଛନ୍ତି।

ଯୋଗୀମୁଣ୍ଡା ସ୍ଥିତ ରାଜେନ୍ଦ୍ର ମେହେର ଯୁକ୍ତ ୨ କଲେଜରେ ୧୯୯୯ ମସିହାରେ ପାଟଣାଗଡ ଥାନା ଅନ୍ତର୍ଗତ ବାଲିପଟା ଗ୍ରାମର ନରେନ୍ଦ୍ର ନାଗ ରାଜନୀତି ବିଜ୍ଞାନ ଏବଂ ଏବଂ ବନାଇମୁଣ୍ଡା ଗ୍ରାମର ଲିଙ୍ଗରାଜ ମେହେର ଓଡିଆ ଅଧ୍ୟାପକ ଭାବେ ନିଯୁକ୍ତି ପାଇଥିଲେ। ସେତେବେଳେ ସେମାନେ ଯେଉଁ ମାକଶିଟ୍ ଦେଇଥିଲେ ପରବର୍ତ୍ତୀ ସମୟରେ ତାହା ଜାଲ ଏବଂ ନକଲି ବୋଲି ଅଭିଯୋଗ ହୋଇଥିଲା। ଏଭଳି ଅଭିଯୋଗ ପାଇବା ପରେ ଅଭିଯୋଗର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ କଲେଜ ଅଧ୍ୟକ୍ଷ ଅଶୋକ କୁମାର ତ୍ରିପାଠୀ ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ ଜଣାଇଥିଲେ। ଇତିମଧ୍ୟରେ ଦୁଇ ଅଧ୍ୟାପକ ନାଗ ଏବଂ ମେହେର ଚାକିରିରୁ ଇସ୍ତଫା ଦେଇଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧ୍ୟାପକ ନରେନ୍ଦ୍ର ନାଗ ଏବଂ ଲିଙ୍ଗରାଜ ମେହେରଙ୍କ ସ୍ନାତକୋତ୍ତର ମାର୍କଶିଟ୍‌ର ଭେରିଫିକେଶ ରିପୋର୍ଟ ପଠାଇବା ପରେ ଉଭୟ ଅଧ୍ୟାପକଙ୍କ ମାର୍କଶିଟ୍ ଜାଲ ଏବଂ ନକଲି ବୋଲି ଜଣାପଡିଥିଲା। ଏହି ରିପୋର୍ଟ ଉଚ୍ଚଶିକ୍ଷା ବିଭାଗକୁ ପଠାଯାଇଥିଲା। ଉଚ୍ଚଶିକ୍ଷା ବିଭାଗ ଉଭୟ ଅଧ୍ୟାପକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିଲେ। କଲେଜ ଅଧ୍ୟକ୍ଷ ତ୍ରିପାଠୀ ୨୦୨୨ ମେ ୩୧ ତାରିଖରେ ପାଟଣାଗଡ ଥାନାରେ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ପାଟଣାଗଡ ଥାନାରେ ଏନେଇ ଉଭୟ ଅଧ୍ୟାପକ ନାଗ ଏବଂ ମେହେରଙ୍କ ବିରୋଧରେ ଏକ ମାମଲା (୧୦୦/୨୨) ରୁଜୁ ହୋଇଥିଲା। ପୋଲିସ ସେମାନଙ୍କ ବିରୋରେ ଭାରତୀୟ ଦଣ୍ଡବିଧି ଆଇନର ୪୬୫, ୪୬୬, ୪୬୮, ୪୭୧ ଏବଂ ୩୪ ଧାରାରେ ମାମଲା ରୁଜୁ କରିଥିଲେ। ତେବେ ଏହି ମାମଲା ରୁଜୁ ହେବାର ଇତିମଧ୍ୟରେ ପ୍ରାୟ ୧୫ମାସ ସମୟ ଅତିବାହିତ ହୋଇଯାଇଥିଲେ ମଧ୍ୟ ପୋଲିସ ଚାର୍ଜଶିଟ୍ ଦାଖଲ କରିପାରିନାହିଁ। ଏଥିରୁ ଏହି ମାମଲାକୁ ପୋଲିସ କେତେ ଗୁରୁତ୍ୱ ଦେଉଛି ଅନୁମେୟ। କଲେଜ ଅଧ୍ୟକ୍ଷ ତ୍ରିପାଠୀ ଗତ ୨୦୨୨ ମସିହା ନଭେମ୍ବର ମାସରୁ ଉଭୟ ଅଧ୍ୟାପକଙ୍କୁ ଦରମା ରିକୋଭରି ନୋଟିସ ଦେଇଥିଲେ। ଇତିମଧ୍ୟରେ ଦୁଇ ନକଲି ଅଧ୍ୟାପକଙ୍କ ବିରୋଧରେ କ'ଣ ସବୁ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେନେଇ ଜଣାଇବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କଲେଜ ଅଧ୍ୟକ୍ଷଙ୍କୁ ଚିଠି କରାଯାଇଥିଲା। କଲେଜ ଅଧ୍ୟକ୍ଷ ତ୍ରିପାଠୀ ଉଚ୍ଚଶିକ୍ଷା ବିଭାଗକୁ ଗତ ୯ ତାରିଖରେ ଚିଠି ଲେଖି ଉଭୟ ଅଧ୍ୟାପକଙ୍କୁ ପ୍ରାୟ ୫୦ ଲକ୍ଷ ଲେଖାଏ ରିକୋଭରି ଟଙ୍କା ଦାଖଲ କରିବାକୁ ନୋଟିସ ଦେଇଥିବା ଜଣାଇଛନ୍ତି। ଏହି ୫୦ ଲକ୍ଷ ଟଙ୍କା ଭିତରେ ସରକାରୀ ତହବିଲର ପ୍ରାୟ ୩୧ ଲକ୍ଷ ଏବଂ ମ୍ୟାନେଜମେଣ୍ଟର ପ୍ରାୟ ୧୮ ଲକ୍ଷ ଟଙ୍କା ରହିଛି।

## ରାସ୍ତା ନାହିଁ, ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ



ଲୁହରେନ୍‌ପାଲି ଗାଁକୁ ଯାଇଥିବା ମାଟି ରାସ୍ତା।

ବଲାଙ୍ଗୀର,୨୭।୮
(ବୀରେନ୍ଦ୍ର କୁମାର ଝାଙ୍କର)

**ନିୟମିତ ମିଳୁନି ପାଇପ ପାଣି**

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ପଥର୍ଲା ପଞ୍ଚାୟତର ଲୁହରେନ୍‌ପାଲି ଗାଁକୁ ଭଲ ରାସ୍ତାନାହିଁ। ଏକୱାର୍ଡ ବିଶିଷ୍ଟ ଏହି ପଲ୍ଲୀଗାଁକୁ ଅଣଓସରିଆ ମାଟି ରାସ୍ତାଟିଏ ଯାଇଛି। ବର୍ଷାଦିନରେ ମାଟି ରାସ୍ତା କାଦୁଅମୟ ହୋଇଯାଉଛି। ଗାଡିମୋଟର କଥା ଛାଡନ୍ତୁ ପାଦରେ ଚାଲିକରି ଯିବା କଷ୍ଟକର ହୋଇପଡୁଛି। ଦୁହେଲରୁ ବରଣ୍ଡାବହାଲ ଯାଇଥିବା ଛକରୁ ଗାଁକୁ ପ୍ରାୟ ଏକକିଲୋମିଟର ରାସ୍ତା ଶୋଚନୀୟ ହୋଇପଡିଛି। ସ୍ୱାଧୀନତାର ୭୬ ବର୍ଷ ପରେ ମଧ୍ୟ ଏହି ଗାଁକୁ ପକ୍କା ରାସ୍ତାଟିଏ ତିଆରି ହୋଇନାହିଁ। ଲୋକଙ୍କ ସ୍ୱାସ୍ଥ୍ୟ ବିଗିଡିଲେ ତାଙ୍କୁ ହସ୍ପିଟାଲ ନେବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପିଲାମାନେ ପାଠପଢି ଯିବା ସମୟରେ କଠିନ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ବିପର୍ଯ୍ୟସ୍ତ ରାସ୍ତା ସହ ଗାଁରେ ପାନୀୟ ଜଳ ସମସ୍ୟା ରହିଛି। ପାଇପ ଜଳଯୋଗାଣ ବ୍ୟବସ୍ଥା ଥିଲେ ବି ନିୟମିତ ଯୋଗାଣ ହେଉ ନ ଥିବାରୁ ମହିଳାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହି ଗାଁରେ ଥିବା ଅଙ୍ଗନୱାଡି କେନ୍ଦ୍ର ଦୀର୍ଘ ୯ ମାସ ହେଲା ବନ୍ଦ ପଡିଛି। ସମାଜସେବୀ ତଥା ଏସ୍‌ସି ସେଲ୍ ସଭାପତି ଓମ୍‌ପ୍ରକାଶ କୁମ୍ଭାର, ଯୁବନେତା ଶୁଭ୍ରାଂଶୁ ଶେଖର ପଣ୍ଡା ଏହି ଗାଁକୁ ଗସ୍ତ କରି ସେଠାକାର ବିଭିନ୍ନ ସମସ୍ୟା ସମ୍ପର୍କରେ ସରକାରୀ ଅଧିକାରୀଙ୍କ ଦୃଷ୍ଟିକୁ ଆଣିଛନ୍ତି। ତୁରନ୍ତ ପକ୍କା ରାସ୍ତା, ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ଏବଂ ଅଙ୍ଗନୱାଡି କେନ୍ଦ୍ର ତୁରନ୍ତ ଖୋଲିବାକୁ ଗ୍ରାମବାସୀଙ୍କ ଦାବିକୁ ପ୍ରାଥମିକତା ଦେବାକୁ ସେମାନେ ଦାବି କରିଛନ୍ତି।



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

## ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା

ଟିଟିଲାଗଡ଼, ୨୭।୮(ଶରତ ମିଶ୍ର)

ସ୍ଥାନୀୟ ଗୋବିନ୍ଦ ବାଟିକା ପରିସରରେ ଟିଟିଲାଗଡ ସେଣ୍ଟଆନି ସ୍କୁଲ ପକ୍ଷରୁ ଏକଦିବସୀୟ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୪ରୁ ୧୯ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୮ଟି ସ୍କୁଲକୁ ନେଇ ଗୋଟିଏ ଜୋନ ଗଠିତ ହୋଇଥିଲା। କାର୍ଯ୍ୟକ୍ରମର ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ସମ୍ମାନୀତ ଅତିଥିଭାବେ ଜିଲା କ୍ରୀଡ଼ା ଶିକ୍ଷା ନିରୀକ୍ଷକ ଅନ୍ତର୍ଯ୍ୟାମୀ ବିଶାଳ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଟୁକୁନି ସାହୁ, ସମ୍ମାନୀତ ଅତିଥିଭାବେ ଉପଜିଲାପାଳ ଦୟାମୟ ପାଢ଼ୀ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ୧୪ ବର୍ଷୀୟା ଛାତ୍ର ବିଭାଗରେ ବ୍ରହ୍ମପୁର ଜୋନ ବିଜେତା ଓ ରାୟଗଡା ଜୋନ ଉପବିଜେତା, ଛାତ୍ରୀ ବିଭାଗରେ ଭୁବନେଶ୍ୱର ଜୋନ ବିଜେତା ଓ ଝାରସୁଗୁଡ଼ା ଜୋନ ଉପବିଜେତା ହୋଇଥିଲେ। ୧୭ ବର୍ଷୀୟା ଛାତ୍ର ବିଭାଗରେ ଝାରସୁଗୁଡ଼ା ଜୋନ ବିଜେତା, ବ୍ରହ୍ମପୁର ଜୋନ ଉପ ବିଜେତା, ଛାତ୍ରୀ ବିଭାଗରେ ବାଲେଶ୍ୱର ଜୋନ ବିଜେତା ଓ ଭୁବନେଶ୍ୱର ଜୋନ ଉପ ବିଜେତା ହୋଇଥିଲେ। ସେହିପରି ୧୯ ବର୍ଷୀୟା ଛାତ୍ର ବିଭାଗରେ ଝାରସୁଗୁଡ଼ା ଜୋନ ବିଜେତା ଓ ଭୁବନେଶ୍ୱର ଜୋନ ଉପ ବିଜେତା, ଛାତ୍ରୀ ବିଭାଗରେ ଭୁବନେଶ୍ୱର ଜୋନ ବିଜେତା ଓ ବଲାଙ୍ଗୀର ଜୋନ ଉପ ବିଜେତାଭାବେ ବିଜୟୀ ହୋଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ଅଧ୍ୟକ୍ଷା ବିନା ଭେର୍ଗିସ, ପ୍ରଶାନ୍ତ ବେହେରା, ହେଜରିନା ମହାରଣା, ମାରିଆ ଟିଯୋ, କିରଣ ଦାସ, ମୁକେଶ ସାହୁ, କ୍ରୀଡାବିତ ଧବଳେଶର ଦଳବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଶସ୍ୟ ବିବିଧକରଣ ଖାଦ୍ୟ ବ୍ୟଞ୍ଜନ ପ୍ରତିଯୋଗିତା

ଦେଓଗାଁ,୨୭।୮
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁଡାପଡାରେ ଆରସିଡିସି ସ୍ୱେଚ୍ଛାସେବୀ ସଂଗଠନ ଓ ଜିଲା କୃଷି ବିଭାଗ ସହାୟତାରେ ଶସ୍ୟ ବିବିଧକରଣ ଖାଦ୍ୟ ବ୍ୟଞ୍ଜନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସିଡିପି ବ୍ଲକ ସଂଯୋଜକ ବିଶ୍ୱବାସ କର୍ମୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆରସିଡିସିର ରିଜିଓନାଲ ମ୍ୟାନେଜର ଶମ୍ଭୁ ସାହୁ ଯୋଗଦେଇ ଅଣଧାନଚାଷର ଉପକାରିତା ଓ ସରକାରୀ ସହାୟତା ଉପରେ ଚାଷୀଙ୍କୁ ଅବଗତ କରିଥିଲେ। ସମ୍ମାନୀତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଦୁଷ୍ମନ୍ତ ସାହୁ, ଗ୍ରାମ ସେବିକା ସ୍ମିତାଶ୍ରୀ ହୋତା ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ ୪୦ରୁ ଉର୍ଦ୍ଧ୍ୱ ଏସ୍‌ଏଚ୍‌ଜି ସଭ୍ୟାମାନେ ଅଂଶଗ୍ରହଣ କରି ତୈଳବୀଜ ଜାତୀୟ ଫସଲର ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ କୃଷକ ସାଥୀ, ଏମବିକେ, ସିଆରପିସିଏମ ପ୍ରମୁଖ ସହଯୋଗ କରିଥିଲେ।

## କୋଶଳି କ୍ଲବ କର୍ମଶାଳା

ଦେଓଗାଁ, ୨୭।୮(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ କୋଶଳି କ୍ଲବ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହାଇସ୍କୁଲ ପ୍ରଧାନଶିକ୍ଷକ ଅମ୍ବରିଶ ଭୋଇଙ୍କ ପରିଚାଳନାରେ ବ୍ଲକସ୍ତରୀୟ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକମାନଙ୍କୁ ନେଇ ଚାଲିଥିବା ତିନି ଦିନିଆ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଛି । ବ୍ଲକର ୨୬ ହାଇସ୍କୁଲର ଶିକ୍ଷକ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଓ କୋଡିଂ ବିଷୟରେ ପ୍ରଶିକ୍ଷଣ ନେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ପୂର୍ଣ୍ଣଚନ୍ଦ୍ର ହାଇସ୍କୁ ବିଜ୍ଞାନ ଶିକ୍ଷକ ସୁବ୍ରତ କୁମାର ବାବୁ ଓ ପୁଇଁତଲା ବ୍ଲକ ଛତାପିପଲ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଜୟକୃଷ୍ଣ ନାଏକ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ତଦନ୍ତରେ ବିଳମ୍ବ

ଲାଠୋର, ୨୭।୮(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତରେ କେତେକ ଜନ ପ୍ରତିନିଧିଙ୍କ ପରିବାର ନାମରେ ଏମ୍‌ଜିଏନ୍‌ଆରଇଜିଏସ୍ ଟଙ୍କା ପଡୁଥିବା ନେଇ ଗାଁ ସାଥୀ ସଂଘ ସଭାପତି ଏବଂ ସଚେତନ ଯୁବକ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ୨୦୨୩ ଜୁଲାଇ ୨୩ତାରିଖରେ ଧରିତ୍ରୀରେ ଜନ ପ୍ରତିନିଧିଙ୍କ ଖାତାରେ ପଡୁଛି ଏମ୍‌ଜିଏନ୍‌ଆରଇଜିଏସ୍ ଟଙ୍କା ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଅନୁଠ଼ସମ୍ୟାନ ତଦନ୍ତରେ ଆସିବେ ବୋଲି ଖପ୍ରାଖୋଲ ଏପିଓଙ୍କ ନିକଟକୁ ପତ୍ର ଆସିଥିଲା। ହେଲେ ଆଜକୁ ଏକ ମାସ ବିତି ଯାଇଥିଲେ ମଧ୍ୟ ତଦନ୍ତ ହୋଇନାହିଁ। ଫଳରେ ଘଟଣାକୁ ଚପାଇ ଦେବାର ଉଦ୍ୟମ କରାଯାଇଛି ବୋଲି ସନ୍ଦେହ ସୃଷ୍ଟି ହେଉଛି। ଏନେଇ ଏପିଓ ପ୍ରଶାନ୍ତ କୁମାର ସାହୁ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନଥିଲେ। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ବିଜୁଳି ଶ୍ରମିକ ସଂଘ ବଲାଙ୍ଗୀର ଡିଭିଜନର କର୍ମକର୍ତ୍ତା

ବଲାଙ୍ଗୀର, ୨୭।୮
(ବୀରେନ୍ଦ୍ର କୁମାର ଝାଙ୍କର)

ପଶ୍ଚିମାଞ୍ଚଳ ବିଜୁଳି ଶ୍ରମିକ ସଂଘ ବଲାଙ୍ଗୀର ଇଲେକ୍ଟ୍ରିକାଲ ଡିଭିଜନର ୨୦୨୩-୨୦୨୪ ପାଇଁ ନିର୍ବାଚନୀ ସଭା ସଂଘ ସାଧାରଣ ସମ୍ପାଦକ ବିଭୂତି ଶଙ୍କର ବିନ୍ଧାଣୀଙ୍କ ସଭାପତିତ୍ୱରେ ସ୍ଥାନୀୟ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ସଭାରେ ବିନ୍ଧାଣୀ ସଂଘକୁ ତୃଣମୂଳ ସ୍ତରରେ ଅଧିକ ମଜଭୂତ କରିବା ପାଇଁ ଏକଜୁଟ ହୋଇ କାର୍ଯ୍ୟ କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ। ବଲାଙ୍ଗୀର ଡିଭିଜନର ସମ୍ପାଦକ ଜ୍ୟୋତି ରଞ୍ଜନ ମହାନ୍ତିଙ୍କ ଅଭିଭାଷଣ ପରେ ଡିଭିଜନ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଡିଭିଜନସ୍ତରରେ କଷ୍ଟୁ ବେହେରା ଡିଭିଜନ ସମ୍ପାଦକ, ସମ୍ପାତି ସାହୁ ସମ୍ପାଦକ, ଶ୍ରୀଧର ପଣ୍ଡା ସାଙ୍ଗଠନିକ ସମ୍ପାଦକ, ଜ୍ୟୋତି ରଞ୍ଜନ ମିଶ୍ର କୋଷଧକ୍ଷ ଓ ସବ୍‌ଡିଭିଜନ ସ୍ତରରେ ସବଡିଭିଜନ୍ ସମ୍ପାଦକ ଭାବେ କମଳ ରାଉତ, ଦୁଖନାଶନ ଶବର, ରାକେଶ ଲେଙ୍କା, ସରୋଜ କୁମାର ପ୍ରଧାନ ଏବଂ ସେକ୍ସନ୍, ସାଙ୍ଗଠନିକ ସମ୍ପାଦକ ଭାବେ ଭରତ କାରିଗର, ନରେଶ ଭୋଇ, ମନୋରଞ୍ଜନ ନାଏକ, ଦେବଜିତ ସେଠୀ, ନରେନ୍ଦ୍ର କୁମାର ମହାରଣା, ରାଜେଶ ପ୍ରଧାନୀ, ମିତ୍ରଭାନୁ ପଟେଲ, ଆଲୋକ ସାହୁ, ଲକ୍ଷଣ ପ୍ରଧାନ, ପଦ୍ମଲୋଚନ ଥପା ଏବଂ ଅନ୍ୟ ୧୧ ଜଣଙ୍କୁ ସର୍ବସମତିକ୍ରମେ ମନୋନୀତ କରାଯାଇଥିବା ଜଣାଇଛନ୍ତି। ନିର୍ବାଚନୀ ସଭାରେ ସୋନପୁର ଡିଭିଜନ ସମ୍ପାଦକ ସର୍ଜନ ବାରିକ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ସତ୍ୟବ୍ରତ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।





ପଶ୍ଚିମାଞ୍ଚଳ ବିଜୁଳି ଶ୍ରମିକ ସଂଘ ବଲାଙ୍ଗୀର ଇଲେକ୍ଟ୍ରିକାଲ ଡିଭିଜନର କର୍ମକର୍ତ୍ତା ମନୋନୟନ ସଭା।

## ଆବାସ ଦୁର୍ନୀତି, ପ୍ରକୃତ ହିତାଧିକାରୀ ବଞ୍ଚିତ

ଦେଓଗାଁ, ୨୭।୮(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)





ବନ୍ଧପଡା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**■ଅନନ୍ତ ଦାସଙ୍କ ନେତୃତ୍ୱରେ ଭାଜପାର ଦାବିପତ୍ର ପ୍ରଦାନ**

**■ଆନ୍ଦୋଳନ ନେଇ ଆମକୁ କେହି ଜଣାଇ ନାହାନ୍ତି: ଭାଜପା ମଣ୍ଡଳ ସଭାପତି**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ମଣ୍ଡଳ ଅନ୍ତର୍ଗତ ବନ୍ଧପଡା ଗ୍ରାମ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ ନେଇ ଭାଜପା ତରଫରୁ ଆନ୍ଦୋଳନ କରାଯାଇଥିଲା। ଅନନ୍ତ ଦାଶଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ବନ୍ଧପଡାରେ ଭାଜପା ପତାକା ଧରି ଆବାସ ଦୁର୍ନୀତି ବିରୋଧରେ ଏକ ଶୋଭାଯାତ୍ରାରେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ଯାଇଥିଲେ। ସେଠାରେ ବଳରାମ ସିଂ ଯାଦବ ଯୋଗଦେଇ କହିଥିଲେ ପ୍ରଧାନମନ୍ତ୍ରୀ ଆବାସ ସ୍ୱଚ୍ଛଳବର୍ଗର ଲୋକଙ୍କୁ ମିଳୁଥିବା ବେଳେ ପ୍ରକୃତ ହିତାଧିକାରୀ ବଞ୍ଚିତ ରହୁଛନ୍ତି। ଏ ଦିଗରେ ଏକ ସ୍ୱତନ୍ତ୍ର ଟିମ ଯାଞ୍ଚ କରିବା ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଅନନ୍ତ ଦାଶ କହିଥିଲେ ପ୍ରଧାନମନ୍ତ୍ରୀ ବିଭିନ୍ନ ଯୋଜନାରେ ଗରିବ ଲୋକଙ୍କ ପାଇଁ ଟଙ୍କା ପଠାଉଛନ୍ତି। ହେଲେ ରାଜ୍ୟ ସରକାର ଏହାକୁ ଠିକରୂପେ ପରିଚାଳନା କରୁନାହାନ୍ତି। ସରକାରୀ ଅଧିକାରୀମାନେ ୫୦ରୁ ୭୦ପ୍ରତିଶତ ପିସି ଆକାରରେ ବାଟମାରଣ କରୁଛନ୍ତି। ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସେ ଚେତାବନୀ ଦେଇଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପଞ୍ଚାୟତ ଗ୍ରାମ ରୋଜଗାର ସେବକ ଦଳଗଞ୍ଜନ ପଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି ସମୟରେ ସୁନୀଲ ମିଶ୍ର, ଗୋପାଳ ସିଂ ନିନା, ଗୀତାଞ୍ଜଳି ବେହେରା, ରିନା ଭୋଇ, ଉଗ୍ରସେନ ପାତ୍ର, ଆଶୋକ ସାଏ, ଗୋପି କ୍ଷେତି, ଦର୍ଜି ଖମାରୀ, ଆର୍ତ୍ତ ପଲତା, ହୃଦାନନ୍ଦ ସେଠ ତଥା ଅନ୍ୟମାନେ ଉପସ୍ଥିତ ଥିଲେ। ତେବେ ଏହି କାର୍ଯ୍ୟକ୍ରମ ପରେ ଭାଜପା ମହଲରେ ଆଲୋଡନ ସୃଷ୍ଟି ହୋଇଛି । କିଛିଦିନ ପୂର୍ବରୁ ବଲାଙ୍ଗୀରରେ ବଳରାମ ସିଂ ଯାଦବ ଓ ଅନନ୍ତ ଦାଶଙ୍କ ଖବରଦାତା ସମ୍ମିଳନୀ ପରେ ଭାଜପା ଜିଲା ସଭାପତି ଶିବାଜୀ ମାହାନ୍ତି ଏକ ପ୍ରେସ ବିବୃତିରେ ବଳରାମ ସିଂ ଯାଦବ ଭାଜପା ନେତା ନୁହନ୍ତି, ତାଙ୍କ ସଭ୍ୟ ପଦ ନାହିଁ ବୋଲି ସୂଚନା ଦେଇଥିଲେ। ତେବେ ବନ୍ଧପଡାରେ ଭାଜପାର ଗଣଆନ୍ଦେଳନ କାର୍ଯ୍ୟକ୍ରମରେ ବନ୍ଧପଡା ମଣ୍ଡଳ ସଭାପତି ବାସୁଦେବ ସିଂ ନିନା, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନା, ବରିଷ୍ଠ ନେତା ଶଶୀଭୂଷଣ ସାହୁ ପ୍ରମୁଖଙ୍କୁ ନଜଣାଇ କରାଯାଇଥିବାରୁ କର୍ମୀ ମହଲରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏ ନେଇ ଜିଲା ସଭାପତି ଶିବାଜୀ ମହାନ୍ତିଙ୍କୁ ପଚାରିବାରୁ ଦଳୀୟ ସଂଗଠନ କରିବା ମନା ନାହିଁ, କିନ୍ତୁ ଦଳୀୟ ନିୟମାନୁସାରେ ସ୍ଥାନୀୟ ମଣ୍ଡଳ ସଭାପତି ଓ ନେତୃବୃନ୍ଦଙ୍କୁ ସାମିଲ କରି କାର୍ଯ୍ୟକ୍ରମ କରିବା କଥା। ଏନେଇ ଆମେ ଦଳୀୟସ୍ତରରେ ଆଲୋଚନା କରିବୁ ବୋଲି କହିଥିଲେ। ସେହିପରି ମଣ୍ଡଳ ସଭାପତି ବାସୁଦେବ ସିଂ ନିନା ଓ ଭାଜପା ଜିଲା ସାଧାରଣ ସମ୍ପାଦକ ଅମିତ କୁମାର ସିଂ ନିନାଙ୍କ ମତଲୋଡିବାରୁ ଆମକୁ କେହି ଜଣାଇନାହାନ୍ତି। ଏଣୁ ଭାଜପା କାର୍ଯ୍ୟକ୍ରମ ବିଷୟରେ ଆମେ ଅବଗତ ନାହୁଁ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ଅଜଣା ମୃତଦେହ ଦାହକଲେ ସ୍ୱେଚ୍ଛାସେବୀ

ବରଗଡ଼,୨୭।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ଶନିବାର ସ୍ଥାନୀୟ ପିପଲମୁଣ୍ଡା ସ୍ୱର୍ଗଦ୍ୱାରରେ ଜଣେ ଅଜଣା ଲୋକଙ୍କ ମୃତଦେହ ଦାହ କରିଛନ୍ତି। ଗତ ବୁଧବାର ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଅନ୍ତର୍ଗତ ଲହଣ୍ଡା ଗ୍ରାମ ନିକଟରେ ଯାଇଥିବା କେନାଲରୁ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ମୃତଦେହକୁ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖାଯାଇଥିଲା। ତେବେ ଉଦ୍ଧାର ହେବାର ୭୨ଘଣ୍ଟା ପରେ ମଧ୍ୟ ତାହା ଚିହ୍ନଟ ହୋଇ ପାରି ନ ଥିଲା। ଫଳରେ ମୃତଦେହ ଦାହ ପାଇଁ ପୋଲିସ ସଂକଳ୍ପ ପରିବାରକୁ ଅନୁରୋଧ କରିଥିଲା। ଏହାପରେ ସଙ୍ଗଠନର ସମ୍ପାଦକ ଜି. ରମେଶ, ଆକାଶ ପଣ୍ଡା, ନିଲେଶ ପ୍ରଧାନ, ଶେଷଦେବ ପ୍ରଧାନ, ହେମନ୍ତ ସାହୁ, ବିକାଶ ଅଗ୍ରୱାଲ ପ୍ରମୁଖ ମୃତଦେହ ନେଇ ଦାହ କରିଥିଲେ।

### ୧ରୁ ସୁପ୍ରିୟା ସ୍ମାରକୀ ଫୁଟ୍‌ବଲ

ବରଗଡ଼,୨୭।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଏଥର ମଧ୍ୟ ସୁପ୍ରିୟା ଜିଲା ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗପ୍ରତା ହେବ। ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଆସନ୍ତା ସେପ୍ଟେମ୍ବର ୧ତାରିଖରୁ ଏହି ପ୍ରତିଯୋଗିତା ଆରମ୍ଭ ହେବ। ପ୍ରତିଯୋଗିତାରେ ଭାଗ ନେବା ପାଇଁ ଇଚ୍ଛୁକ ଥିବା ଜିଲା କ୍ରୀଡ଼ା ସଂସଦର ଅନୁବନ୍ଧିତ ସଂଘମାନେ ଷ୍ଟାଡ଼ିୟମରୁ ଆବଶ୍ୟକ ଫର୍ମ ସଂଗ୍ରହ କରି ଏଣ୍ଟ୍ରି ଫି ଜମା ସହିତ ନିଜ ଦଳକୁ ପଞ୍ଜୀକୃତ କରାଇ ନେବାକୁ ଅନୁରୋଧ କରାଯାଇଛି। ଜିଲାର ଖେଳାଳିମାନେ ନିଜର ଆଧାର କାର୍ଡ ଦେବା ବାଧ୍ୟତାମୂଳକ ବୋଲି ଜିଲା କ୍ରୀଡ଼ା ସଂସଦ ସମ୍ପାଦକ କିଶୋର କୁମାର ମିଶ୍ର ଏବଂ ଫୁଟ୍‌ବଲ ସମ୍ପାଦକ ସେକ୍ ସବଦର୍ ସୂଚନା ଦେଇଛନ୍ତି ।

### ପଶ୍ଚିମ ଓଡ଼ିଶା ଯୁବାମଞ୍ଚର ପ୍ରତିଷ୍ଠା ଦିବସ

ବରଗଡ଼,୨୭।୮(ପ୍ରେମାନନ୍ଦ ଖମାରୀ)

ପଶ୍ଚିମ ଓଡ଼ିଶା ଯୁବାମଞ୍ଚର ସପ୍ତମ ପ୍ରତିଷ୍ଠା ଦିବସ ପାଳନ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଯୁବାମଞ୍ଚ ସଂଯୋଜକ ଅଜିତ କୁମାର ପତି ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ବିତ ଆଚାର୍ଯ୍ୟ, ବରିଷ୍ଠ ଆଡ଼ଭୋକେଟ୍ ସୁରେନ୍ଦ୍ର କୁମାର ପଣ୍ଡା, ଫାଇଟ୍ ଅନ୍ ରାଇଟ୍‌ର ଅଧ୍ୟକ୍ଷା ମୀନାକ୍ଷୀ ପଣ୍ଡା, ବରଗଡ଼ ସାମ୍ବାଦିକ ସଂଘ ଉପସଭାପତି ବୀରେନ୍ଦ୍ର ପ୍ରଧାନ, କଂଗ୍ରେସ ନେତା ନିପନ କୁମାର ଦାଶ, ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଭାଜପା ରାଜ୍ୟ ସମ୍ପାଦକ ଇରାସିସ୍ ଆଚାର୍ଯ୍ୟ, ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରମୋଦ ଝାଙ୍କର ପ୍ରମୁଖ ମଞ୍ଚାସୀନ ଥିଲେ। ପଶ୍ଚିମ ଓଡ଼ିଶା ପ୍ରତି ରାଜ୍ୟ ସରକାରଙ୍କ ଅବହେଳା ନେଇ କାର୍ଯ୍ୟକ୍ରମରେ ଅତିଥିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ଏମ୍ସ ହସ୍ପିଟାଲ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ବରଗଡ଼ରେ ଦ୍ୱିତୀୟ ମହିଳା କଲେଜ ସ୍ଥାପନ, ପଞ୍ଚାୟତ କଲେଜରୁ ପ୍ରତ୍ୟାହାର କରାଯାଇଥିବା ଏନ୍‌ସିସି ପୁନଃସ୍ଥାପନ ନେଇ ଦାବି ଉଠିଥିଲା। ସେହିପରି ପ୍ରସିଦ୍ଧ ନୃସିଂହନାଥ ପୀଠରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା, ଡେବ୍ରିଗଡ଼କୁ ଅନ୍ତର୍ଜାତୀୟ ପର୍ଯ୍ୟଟନର ମାନ୍ୟତା ଦେବା ପାଇଁ ମଧ୍ୟ ଦାବି ହୋଇଥିଲା। ଏହି ଅବସରରେ ସମାଜକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ସଙ୍ଗଠନ ସମେତ କୃତୀ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ

ବରଗଡ଼,୨୭।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ କଂକ୍ରିଟ ରୋଡ୍ ଏବଂ ଡ୍ରେନ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ସ୍ଥାନୀୟ ୱାର୍ଡ ନଂ-୧ ନାକାପଡ଼ା ଛକରୁ ସରସ୍ୱତୀ ଶିଶୁ ମନ୍ଦିର ରାସ୍ତା, ୱାର୍ଡ ନଂ-୧୮ ଘୁଲିପାଲିରୁ ଏନ୍‌ଏଚ୍ ପର୍ଯ୍ୟନ୍ତ ରାସ୍ତା ତଥା ବିଭିନ୍ନ ଡ୍ରେନ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, କାଉନସିଲର ବେଦମତୀ ସେଟ୍, କ୍ଷୀତେଶ୍ୱର କୁମ୍ଭାର, ଉମାଚରଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ଭେଡ଼େନ ବ୍ଲକରେ ଖରିଫ୍ ଚାଷ ପଞ୍ଜୀକରଣ

# ଏଥର ଧାନ ବିକ୍ରିବେ ୧୭, ୨୬୩ ଚାଷୀ

ଭେଡେନ,୨୭।୮(ସୁଦନ ମହାକୁର)

ବରଗଡ଼ ଜିଲା ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନ ଭେଡ଼େନ ବ୍ଲକର ୫ଟି ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ଗୁଡ଼ିକରେ ଚଳିତ ଖରିଫ ଋତୁ ଧାନ ବିକ୍ରି ପାଇଁ ଶୁକ୍ରବାର ସୁଦ୍ଧା ୧୭,୨୬୩ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ତନ୍ମଧ୍ୟରୁ ସିଆଲଖଣ୍ଡହଥା ପ୍ୟାକ୍ସରେ ୩୩୧୦, ସଂକ୍ରୀଡ଼ା ୩୫୨୨, ରକ୍ଷୁଡ଼ା ୨୩୧୨, ଭେଡ଼େନ ୪୭୨୯ ଏବଂ ରେମଣ୍ଡା ପାକ୍ସରେ ୩୩୯୦ ଜଣ ଚାଷୀ ପଞ୍ଜୀକରଣ ହୋଇଛନ୍ତି। ସରକାର ଚାଷୀ ପଞ୍ଜୀକରଣ ପାଇଁ ଜୁଲାଇ ୧୫ରୁ ଅଗଷ୍ଟ ୧୬ ତାରିଖ ପର୍ଯ୍ୟନ୍ତ ସମୟ ସୀମା ଧାର୍ଯ୍ୟ କରିଥିଲେ। ତେବେ ବିଭିନ୍ନ ଚାଷୀ ସଙ୍ଗଠନର ଦାବିକୁ ଦୃଷ୍ଟିରେ ରଖି ରାଜ୍ୟ ଖାଦ୍ୟ ଓ ଯୋଗାଣ ବିଭାଗ ୨୫ ତାରିଖ ପର୍ଯ୍ୟନ୍ତ ଅବଧି ବୃଦ୍ଧି କରିଥିଲେ।

ସୂଚନା ଅନୁସାରେ, ଗତ ରବିଋତୁ ଧାନ ବିକ୍ରି ପାଇଁ ଭେଡେନ ବ୍ଲକର ୫ଟି ପାକ୍ସ ଜରିଆରେ ୧୩ ହଜାର ୨୪ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ତନ୍ମଧ୍ୟରୁ ଭେଡେନ ପାକ୍ସରେ ୪୪୧୫ ଜଣ, ସଂକ୍ରୀଡା ୩୪୨୨, ସିଆଲଖଣ୍ଡହଥା ୩୦୭୦ ଏବଂ ରୁଷୁଡ଼ା ପାକ୍ସରେ ୨୧୧୭ ଜଣ ଚାଷୀ ଫର୍ମ ଦାଖଲ କରିଥିଲେ। ସେହିପରି ଭେଡେନରେ ୪୦୯୯ ନବୀକରଣ, ନୂତନ ୩୧୬, ସଂକ୍ରୀଡା ୩୨୪୬ ନବୀକରଣ, ନୂତନ ୧୭୬, ସିଆଲଖଣ୍ଡହଥା ୨୭୩୦ ନବୀକରଣ, ନୂତନ ୩୪୦ ଏବଂ ରୁଷୁଡା ପାକ୍ସରେ ୧୮୮୮ ଜଣ ନବୀକରଣ କରିଥିବା ବେଳେ ୨୨୯ ଜଣ ଚାଷୀ ନୂତନ ଭାବେ ପଞ୍ଜୀକରଣ କରିଥିଲେ। ବିଶେଷ କରି ବ୍ଲକରେ ସମୁଦାୟ ୧ହଜାର ୬୧ଜଣ ନୂତନ ଚାଷୀ ଫର୍ମ ଦାଖଲ କରିଛନ୍ତି। ଉଲ୍ଲେଖନୀୟ, ରବି ଋତୁରେ ଧାନ ବିକ୍ରି କରିବା ପାଇଁ ମାର୍ଚ୍ଚ ୧ରୁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଥିଲା। ମାର୍ଚ୍ଚ ୨୦ ତାରିଖ ଯାଏ ଚାଷୀ ସମବାୟ ସମିତି ମାଧ୍ୟମରେ ନାମ ପଞ୍ଜୀକରଣ ପାଇଁ ଫର୍ମ ଦାଖଲ କରିପାରିବେ ବୋଲି ସମୟ ଧାର୍ଯ୍ୟ ହୋଇଥିଲା। ଗତ ରବି ଋତୁରେ ବ୍ଲକରେ ପ୍ରାୟ ୧୩ ହଜାର ୮୦୯ ଜଣ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଥିଲା। ଗତ ୨୦୨୨-୨୩ଠାରୁ ରବି ଋତୁରେ ୬୮୫ ଜଣ ଅଧିକ ଚାଷୀ ପଞ୍ଜୀକୃତ ହୋଇଥିଲେ। ଚଳିତ ଖରିଫ ଋତୁରେ ୩୪୫୪ ଜଣ ଚାଷୀ ଅଧିକ ପଞ୍ଜୀକୃତ ହୋଇଛନ୍ତି।

ପଞ୍ଜୀକରଣ ଫର୍ମରେ ଚାଷୀ ତାର କଷ୍ଟୋପାର୍ଜିତ ଧାନ କେବେ ବିକ୍ରି କରିବ ତାହା ମଧ୍ୟ ଏବେଠୁ ଦର୍ଶାଇବାକୁ ପଡୁଥିବାରୁ ଚାଷୀ ଅଡୁଆରେ ପଡ଼ିଛି। ଅପରପକ୍ଷେ ପଞ୍ଜୀକରଣ କାମ ପ୍ରାଥମିକ କୃଷି ସମବାୟ ସମିତି କରୁଥିବାରୁ କେତେ ଜମି ପଞ୍ଜୀକରଣ ହେଉଛି ତାର ଠିକ୍ ତଥ୍ୟ ମିଳିପାରୁନାହିଁ। କେତେ ପରିମାଣ ଜଳସେଚିତ ଏବଂ କେତେ ଅଣଜଳସେଚିତ ଜମିରେ ଚାଷ ହୋଇଛି ତାହା ସ୍ପଷ୍ଟ ହେଉନାହିଁ। ଏହାଦ୍ୱାରା ଅନେକ ଚାଷୀ ଧାନ ଚାଷ କରି ମଧ୍ୟ ଉକ୍ତ ଜମିର ଉତ୍ପାଦିତ ଧାନ ବିକ୍ରି କରି ନ ପାରି ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଅନେକ ଚାଷୀଙ୍କ କମ୍ ଜମି ଥିବାରୁ ସେମାନେ ପଞ୍ଜୀକରଣ କରୁ ନ ଥିବା ଦେଖିବାକୁ ମିଳିଛି। ଏଥିପାଇଁ ରାଜସ୍ୱ ଏବଂ କୃଷି ବିଭାଗକୁ ମିଳିତ ଭାବେ ଦାୟିତ୍ୱ ଦିଆଯିବାକୁ ଅନେକ ସମୟରେ ଚାଷୀ ସଙ୍ଗଠନ ପକ୍ଷରୁ ଦାବି ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ ବୋଲି ଅଭିଯୋଗ ହେଉଛି। ସେହିପରି କେନ୍ଦ୍ରୀୟ ପରିବର୍ତ୍ତେ ଜିଲାସ୍ତରରେ ଧାନ କିଣାବିକା ପ୍ରକ୍ରିୟା କରାଗଲେ ଚାଷୀମାନେ ଲାଭବାନ ହୁଅନ୍ତେ ବୋଲି ଚାଷୀ ନେତା ଆର୍ତ୍ତତ୍ରାଣ ତ୍ରିପାଠୀ ପ୍ରକାଶ କରିଛନ୍ତି।

ଜୟ କିଷାନ ଆନ୍ଦୋଳନର କର୍ମୀ ସମ୍ମିଳନୀ

## ଲଢ଼େଇ ପାଇଁ ରଣନୀତି ପ୍ରସ୍ତୁତ



ସମ୍ମିଳନୀରେ ଉପସ୍ଥିତ ଚାଷୀ ନେତା ଓ ଅନ୍ୟମାନେ।

ବରପାଲି,୨୭।୮(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ବ୍ଲକ କୃଷକପଲ୍ଲୀ ରେମତାଠାରେ ଜୟ କିଷାନ ଆନ୍ଦୋଳନର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଟିକେଶ୍ୱର ଦେହେରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ବରପାଲି ବ୍ଲକର ବିଭିନ୍ନ ପଞ୍ଚାୟତରୁ କର୍ମୀମାନେ ଯୋଗଦେଇ ସମସ୍ୟା ଉତ୍‌ଥାପନ କରିଥିଲେ। ଧାନବିକ୍ରି ସମସ୍ୟା ଓ ବିଜୁଳି କ୍ଷେତ୍ରର ଘରୋଇକରଣ ବିରୋଧରେ ସମ୍ମିଳନୀରେ ଆଲୋଚନା ହୋଇଥିଲା। ପଞ୍ଜାବ, ହରିୟାଣାରେ ଉଚ୍ଚକୋଟୀର ମଣ୍ଡି ବ୍ୟବସ୍ଥା ଥିବାବେଳେ ଛତିଶଗଡରେ ସେପରି କୌଣସି ସୁବିଧା ନ ଥିଲେ ମଧ୍ୟ ସେଠାକାର ଚାଷୀ ସୁବିଧାରେ ଧାନବିକ୍ରି କରିପାରୁଛନ୍ତି। ଓଡ଼ିଶାରେ ଚଳିତବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୧୮୩ ଟଙ୍କା ହୋଇଥିବା ବେଳେ ଛତିଶଗଡ ସରକାର ଧାନ କୁଇଣ୍ଟାଲ ୪ ହଜାର ଟଙ୍କାରେ କିଣିବା ପାଇଁ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଓଡ଼ିଶା ସରକାର ୨୦୧୬-୧୭ରେ ଏକ ସର୍ବଦଳୀୟ ଗୃହ କମିଟି ଗଠନ କରି ଧାନର ସର୍ବନିମ୍ନ ସହାୟକ ଦର ୨୯୩୦ଟଙ୍କାରୁ କମ ହେବା କଥା ନୁହେଁ ବୋଲି ପ୍ରସ୍ତାବ ଗ୍ରହଣ କରିଥିଲା ହେଲେ ଆଜି ପର୍ଯ୍ୟନ୍ତ ଗୋଟିଏ ଟଙ୍କା ବ୍ୟବସ୍ଥା ହେଲାନାହିଁ ବୋଲି ଚାଷୀ ନେତାମାନେ ଅଭିଯୋଗ କରିଥିଲେ। ସମ୍ମିଳନୀରେ ସ୍ୱାମୀନାଥନ କମିଶନର ସୁପାରିଶ ଅନୁସାରେ ଉତ୍ପାଦନର ଦେଢ ଗୁଣ ମୂଲ୍ୟ ପ୍ରଦାନ, ବିଜୁଳି କ୍ଷେତ୍ରର ଘରୋଇକରଣ ବନ୍ଦ ଏବଂ ପ୍ରିପେଡ ସ୍ମାର୍ଟମିଟର ବିରୋଧରେ ଲଢେଇ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ସମ୍ମିଳନୀରେ ବରପାଲି ବ୍ଲକସ୍ତରୀୟ ୧୧ ଜଣିଆ କମିଟି ଗଠନ କରାଯାଇଥିଲା। କମିଟିରେ ଯଦୁନନ୍ଦନ ପ୍ରଧାନ, ରଞ୍ଜନ ସାହୁ, ଉତକୃଷ୍ଟ ପ୍ରଧାନ, ଘନ ସାହୁ, ମଧୁ ପଟେଲ, ଗୋପାଳ ପାଣ୍ଡେ, ବିବେକାନନ୍ଦ ପ୍ରଧାନ, ହିମାଂଶୁ ଦେହେରି, ଚନ୍ଦ୍ରଶେଖର ପଟେଲ, ବିପିନ ବାଗ, କରୁଣାକର ବାଗ ପ୍ରମୁଖ ରହିଛନ୍ତି। ସମ୍ମିଳନୀରେ ବରିଷ୍ଠ ଚାଷୀ ନେତା ଶିବ ପ୍ରସାଦ ପ୍ରଧାନ, ଜୟ କିଷାନ ଆନ୍ଦୋଳନର ଜିଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ଅରୁଣ ପଧାନ, ସରୋଜ ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାସ୍ତରୀୟ ସଂସ୍କୃତ ଦିବସ ପାଳନ ପ୍ରସ୍ତୁତି

ବରଗଡ଼,୨୭।୮(ପ୍ରେମାନନ୍ଦ ଖମାରୀ)



ବୈଠକରେ ଯୋଗଦେଇଥିବା ସଂସ୍କୃତ ଶିକ୍ଷକବୃନ୍ଦ ।

ବରଗଡ଼ରେ ଜିଲାସ୍ତରୀୟ ସଂସ୍କୃତ ଦିବସ ପାଳନ ପାଇଁ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ଯୁଗ୍ମ ସମ୍ପାଦକ ତଥା ସଂସ୍କୃତ ସୁରକ୍ଷା ମଞ୍ଚର ଆବାହକ ପଣ୍ଡିତ ଗୋପବନ୍ଧୁ ପୁରୋହିତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ସମ୍ପାଦକ ଅଗସ୍ତି ପ୍ରଧାନ ବିବରଣୀ ପାଠ କରିଥିଲେ। ଆସନ୍ତା ସେପ୍ଟେମ୍ବର ୮ତାରିଖରେ ଜିଲାସ୍ତରୀୟ ସଂସ୍କୃତ ଦିବସ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅବସରଗ୍ରହଣ କରିଥିବା ସଂସ୍କୃତ ଶିକ୍ଷୟିତ୍ରୀ ଶିକ୍ଷକ, ଗତ ବୋର୍ଡ଼ ପରୀକ୍ଷାରେ ସଂସ୍କୃତରେ ଶତ ପ୍ରତିଶତ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ପଣ୍ଡିତ ଗୋବର୍ଦ୍ଧନ ସାହୁ, ଧୋବା ସାହୁ, କିରଣ ବିଶ୍ୱାଳ, ସୁଧୀର କୁମାର ରଥ, ପଶ୍ଚିମ ସମ୍ଭାଗ ସମ୍ପାଦକ ବୃନ୍ଦାବନ ଠେଠୁଆର ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ଖୋଲିଲା ସାବୁନ ବ୍ୟାଙ୍କ

ଝାରବନ୍ଧ,୨୭।୮(ଦେବେନ୍ଦ୍ର ସାହୁ): ବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରଙ୍କ ସୁସ୍ଥତା ଏବଂ ସ୍ୱଚ୍ଛତା ନିମନ୍ତେ ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ବୈତାଳି କ୍ଲଷ୍ଟରରେ ଏକ ନିଆରା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସିଆରସିସି ଦିବସ କୁମାର ସାହୁଙ୍କ ପ୍ରୟାସରେ ଉକ୍ତ କ୍ଲଷ୍ଟର ଅଧୀନସ୍ଥ ସମସ୍ତ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପୂର୍ବରୁ, ଶୌଚାଳୟ ବ୍ୟବହାର ପରେ ଏବଂ ଅନ୍ୟାନ୍ୟ ମଇଳା ହାତକୁ ସାବୁନରେ ଧୋଇବା ତଥା ହାତଧୁଆକୁ ସୁନିଶ୍ଚିତ କରିବା ପାଇଁ ବିଦ୍ୟାଳୟସ୍ତରରେ ସାବୁନ ବ୍ୟାଙ୍କ ଖୋଲାଯାଇଛି। ଏହି କ୍ରମରେ ପ୍ରଥମ ପର୍ଯ୍ୟାୟରେ ଉକ୍ତ କ୍ଲଷ୍ଟର ଅଧୀନ ୩ ବିଦ୍ୟାଳୟ ଅର୍ଥାତ୍ ଅମଠି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡୁମୁରିପାଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ବୈତାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ କ୍ୟାବିନେଟ୍ ସ୍ୱାସ୍ଥ୍ୟ ଓ ପରିମଳ ମନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରିଛି। ଏହାସହିତ ବିଦ୍ୟାଳୟ ସ୍ତରରେ ରହିଥିବା ସ୍ୱାସ୍ଥ୍ୟ ଓ ସୁସ୍ଥତା ମେସେଞ୍ଜର ଏବଂ ଆମ୍ବାସଡରଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି। ଏହି ୩ ସାବୁନ ବ୍ୟାଙ୍କରେ ପ୍ରଥମ ଜମାକର୍ତ୍ତା ଭାବେ ସିଆରସିସି ସାହୁ ୧୦ଖଣ୍ଡ ଲେଖାଏଁ ସାବୁନ ଜମା କରିଛନ୍ତି। ଗତବର୍ଷ ବୈତାଳି କ୍ଲଷ୍ଟର ଅନ୍ତର୍ଗତ ପ୍ରତ୍ୟେକ ବିଦ୍ୟାଳୟରେ ସ୍ୱଚ୍ଛତା ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀରେ ଶୌଚାଳୟ ବ୍ୟବହାର ପାଇଁ ଚପଲ ପ୍ରଦାନ ଏବଂ ସ୍ୱଚ୍ଛତା ତଥା ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ବଡ଼ ଦର୍ପଣ ଲଗାଯାଇଥିଲା। ସାବୁନ ବ୍ୟାଙ୍କରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟ ତଥା ଅନ୍ୟ ବଦାନ୍ୟ ବ୍ୟକ୍ତି ଜନ୍ମଦିନ ପାଳନ ଆଦି ସମୟରେ ସାବୁନ ଜମା କରିପାରିବେ। ଏହାଦ୍ୱାରା ବିଦ୍ୟାଳୟ ସ୍ତରରେ ବ୍ୟକ୍ତିଗତ ପରିଷ୍କାର, ପରିଚ୍ଛନ୍ନତା ସୁନିଶ୍ଚିତ ହୋଇପାରିବ ବୋଲି ସାହୁ କହିଛନ୍ତି। ଅମଠି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭୁଦାସ ମହାନନ୍ଦ, ଡୁମୁରିପାଣି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତରଣୀସେନ ପ୍ରଧାନ, ବୈତାଳି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱାମିତ୍ର ବାଗଙ୍କ ସମେତ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ବରଗଡ଼କୁ ମିଳିଲା ସ୍କଚ୍ ଆୱାର୍ଡ

ବରଗଡ଼,୨୭।୮(ପ୍ରେମାନନ୍ଦ ଖମାରୀ)



ଜିଲା ଶିକ୍ଷାଧିକାରୀ ସ୍କଚ୍ ଆୱାର୍ଡ ଗ୍ରହଣ କରୁଛନ୍ତି।

ବରଗଡ଼ ଜିଲାରେ ଜିଲାପାଳ ମୋନିଷା ବାନାର୍ଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫-ଟି ସ୍କୁଲ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ପରିସ୍ଫୁଟନ ପାଇଁ ଅଭିନବ କାର୍ଯ୍ୟକ୍ରମ ବିଜେତା ଚାଲିଛି। ଏହି କାର୍ଯ୍ୟକ୍ରମ ପାଇଁ ବରଗଡ଼ ଜିଲାକୁ ଜାତୀୟସ୍ତରରେ ସ୍କଚ୍ ଆୱାର୍ଡ-୨୦୨୩ ରୌପ୍ୟ ପଦକ ମିଳିଛି। ଜିଲାପାଳ ବାନାର୍ଜୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ଏବଂ ବିଜେତା କାର୍ଯ୍ୟକ୍ରମର ଜିଲା ସଂଯୋଜକ ଡ. ମନୋଜ କୁମାର ସାହୁ ଦିଲ୍ଲୀ ଯାଇ ଶନିବାର ଏହି ଆୱାର୍ଡ ଗ୍ରହଣ କରିଛନ୍ତି । ଜାତୀୟସ୍ତରରେ ଏଭଳି ଆୱାର୍ଡ ମିଳିଥିବା ଯୋଗୁ ଜିଲାରେ ଖୁସିର ଲହରୀ ଖେଳି ଯାଇଛି ।

## କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ



ଅତାବିରା ବିଧାୟିକା କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

ଅତାବିରା,୨୭।୮(ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଅତାବିରା ବ୍ଲକ କର୍ନାଟିକ୍ରା ଗ୍ରାମରେ ଶନିବାର କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ, ଜହ୍ନାପଡ଼ା ସରପଞ୍ଚ ସୁବାଶିନୀ ତରିଆ, ଉର୍କୁଲୁ ସାହୁ, ଦଖିଲ ପ୍ରଧାନଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ପାଲା ମାଧ୍ୟମରେ ପୋଷଣ ସଚେତନତା



ପାଲା ମାଧ୍ୟମରେ ପୋଷଣ ସଚେତନତା କାର୍ଯ୍ୟକ୍ରମ କରାଯାଉଛି ।

ଅତାବିରା,୨୭।୮(ହୃଷିକେଶ ଖମାରୀ)

ସମନ୍ୱିତ ଶିଶୁ ବିକାଶ ଯୋଜନାରେ ବରଗଡ଼ ଜିଲାର ଅତାବିରା ସମେତ ବିଭିନ୍ନ ବ୍ଲକରେ ପାଲା ମାଧ୍ୟମରେ ପୋଷଣ ସଚେତନତା କାର୍ଯ୍ୟକ୍ରମ ଚାଲିଛି। ଉଦେପୁର ଗ୍ରାମର ଶେଷଦେବ ଦନ୍ତା ଏବଂ ସାଥୀ ପାଲା ପରିବେଷଣ କରି ପୋଷଣ ଉପରେ ସଚେତନତା ସୃଷ୍ଟି କରୁଛନ୍ତି। ପୁଷ୍ଟିସାର, ଶ୍ୱେତସାର, ସ୍ନେହସାର, ପାନୀୟଜଳ ଆଦି ଆବଶ୍ୟକତାକୁ ନେଇ କାର୍ଯ୍ୟକ୍ରମରେ ସଚେତନତା କରାଯାଉଛି। କ୍ଷେତ୍ର ପରିଦର୍ଶିକା ଅନୀତା ପୁରୋହିତ, ସେବତୀ ବାଗ, ସୁରେଶ୍ୱରୀ ଦାଶ, ତପସ୍ୱିନୀ ବରିହା, ପାଲା ବାୟକ ବିଜୟ ନାଏକ, ମନୋଜ ପ୍ରଧାନ, ଶ୍ୟାମସୁନ୍ଦର ଦନ୍ତା, ଭୀମ ବାଗ ପ୍ରମୁଖ ସହଯୋଗ କରିଥିଲେ।

## ଛାତ୍ରୀଛାତ୍ରଙ୍କୁ ମିଳିଲା ହାଉସ୍ ଡ୍ରେସ୍



ଛାତ୍ରୀଛାତ୍ରଙ୍କୁ ହାଉସ ଡ୍ରେସ ବଣ୍ଟନ କରାଯାଉଛି ।

ବରଗଡ଼,୨୭।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ହାଉସ୍ ଡ୍ରେସ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମଳୟ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ହାଉସ୍ ଡ୍ରେସ ବଣ୍ଟନ ସହିତ ସେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ନବୀନ ସାବତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ।

## ଦୁର୍ଗାପୂଜା ପାଳନ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ।

ସୋହେଲା,୨୭।୮(ଅଶ୍ୱିନୀ ପାତ୍ର)

ଚଳିତବର୍ଷ ଶାରଦୀୟ ଦୁର୍ଗାପୂଜା ପାଇଁ ବରଗଡ଼ ଜିଲା ସୋହେଲା ସାଂସ୍କୃତିକ ଭବନଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଦୁର୍ଗାପୂଜା କମିଟି ସଭାପତି ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ସଭାପତିତ୍ୱ କରିଥିଲେ। ସହ ସମ୍ପାଦକ ମୁକେଶ କୁମାର ଅଗ୍ରୱାଲା ପୂର୍ବବର୍ଷର ବିବରଣୀ ପାଠ କରିଥିଲେ। ଆଗାମୀ ଦୁର୍ଗାପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଆଲୋଚନା ହୋଇଥିଲା। ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରତିଯୋଗିତା, ଅର୍ଥ, ରାବଣପୋଡ଼ି, ରାବଣ ଭ୍ରମଣ, ସାଜସଜ୍ଜା, ଅଭ୍ୟର୍ଥନା ତଥା ପ୍ରଚାର ପ୍ରସାର ପାଇଁ କମିଟିର ସଦସ୍ୟମାନଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଚଳିତବର୍ଷ ଦୁର୍ଗାପୂଜା ପାଇଁ ଏକ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ସଭାପତି, ବିଧାୟକ ସୁଶାନ୍ତ ସିଂ କାର୍ଯ୍ୟକାରୀ ସଭାପତି, ପୂର୍ବତନ ବିଧାୟକ ମହମ୍ମଦ ରଫିକ ଉପସଭାପତି, ଦିଲୀପ ଖମାରୀ ଓ ମନ ମାଝୀ ସମ୍ପାଦକ, ଲଳିତ ଅଗ୍ରୱାଲା କୋଷାଧ୍ୟକ୍ଷ, ସଞ୍ଜୀବ ଝାଙ୍କର ଓ ମୁକେଶ ଅଗ୍ରୱାଲ ସହ ସମ୍ପାଦକ ମନୋନିତ ହୋଇଛନ୍ତି।

## ସାହିତ୍ୟ ଉନ୍ନତ ହେଲେ ଭାଷା ଆନ୍ଦୋଳନ ମଜଭୁତ୍ ହେବ

ସାହିତ୍ୟ ସଭାରେ ମତପ୍ରକାଶ

ବରଗଡ଼,୨୭।୮(ପ୍ରେମାନନ୍ଦ ଖମାରୀ)

କର୍ମବ୍ୟସ୍ତ ଏବଂ ଲାଭ, ଲୋଭ ସ୍ୱାର୍ଥ ଭିତରେ ମଣିଷ ବୁଡ଼ି ରହିଥିବାବେଳେ ସାହିତ୍ୟ ତାକୁ ବଞ୍ଚିବା ଶିଖାଇଥାଏ। ବିଜ୍ଞାନ ପ୍ରକୃତିର ବାସ୍ତବିକତାକୁ ଦେଖାଉଥିବା ବେଳେ ସାହିତ୍ୟ ବାସ୍ତବିକତାର ଆନନ୍ଦ ଉପଭୋଗ କରିବାକୁ ସୁଯୋଗ ଦେଇଥାଏ। ଜୀବନର ଧାଁ ଦୌଡ଼ ଭିତରେ ଶିଶୁର ଲୋଭ, ଲାଭଶୂନ୍ୟ ହସ ଯେମିତି ନିର୍ଲିପ୍ତ ପଣିଆର ଶିକ୍ଷା ଦେଇଥାଏ, ସାହିତ୍ୟ ଭାଷାରେ ଶୈଶବ ହିଁ ଜୀବନର ବାପା ବୋଲି ବରଗଡ଼ ଗାନ୍ଧୀ ଭବନ ପରିସରରେ ରବିବାର ଅନୁଷ୍ଠିତ ସାହିତ୍ୟ ସଭାରେ ମତପ୍ରକାଶ ପାଇଛି। ସମ୍ବଲପୁରୀ ଭାଷାରେ ଯେଉଁଭଳି ଉନ୍ନତମାନର ସାହିତ୍ୟ ସୃଷ୍ଟି ହେଉଛି, ତାହା ଆଗକୁ ଭାଷା ଆନ୍ଦୋଳନକୁ ଆହୁରି ମଜବୁତ କରିବ ବୋଲି ମଞ୍ଚାସୀନ ଅତିଥିମାନେ ମତ ରଖିଥିଲେ।




ସାହିତ୍ୟ ସଭାରେ ଅତିଥିବୃନ୍ଦ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ଅଭିମନ୍ୟୁ ସାହିତ୍ୟ ସଂସଦ ଘେଁସ୍ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁରୀ ଭାଷାରେ ଲିଖିତ ୩ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସଂସଦର ବରିଷ୍ଠ ସଭ୍ୟ ଅଶୋକ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଥାକାର ଧନପତି ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଡ. ସୁବାସ ମେହେରଙ୍କ ଗଳ୍ପ ସଙ୍କଳନ ପଥର ଫରୁଆ, ଇନ୍ଦ୍ରଜିତ ମେହେରଙ୍କ କବିତା ସଂକଳନ କବିତା ଲହର-୧ ଏବଂ କବିତା ଲହର-୨କୁ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ, ଶେଷାନ ବିଶି, ଅଧ୍ୟାପିକା ସଂଘମିତ୍ରା ମିଶ୍ର ପ୍ରମୁଖ ଯୋଗଦାନ କରି ପୁସ୍ତକଗୁଡ଼ିକର ସମୀକ୍ଷା କରିଥିଲେ। କବି ଶରତ ପାଢ଼ୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଂଘର ସମ୍ପାଦକ ଶୋଭାରାମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଡ. ସୁବାସ ମେହେର ଅଧ୍ୟକ୍ଷତା କରିଥିଲେ। ସାହିତ୍ୟିକ ଉତ୍ପନ୍ନ କୁମାର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। କବି ମୁନିରାମ କୁମ୍ଭାର ଏବଂ କବୟିତ୍ରୀ ନମିତା ଦୀପ ଯାଦବ ବର୍ଷା କବିତା ଆସରକୁ ସଂଯୋଜନା କରିଥିଲେ। ତୁଳସୀ ବାରିକ, ଉମେଶ ପ୍ରଧାନ, ତରଣୀସେନ ଗୁରୁ ପ୍ରମୁଖ ସହଯୋଗ କରିଥିଲେ। କୈଳାସ ରାଜହଂସ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ପଥଚାରୀଙ୍କ ମୃତ୍ୟୁ

ହେମଗିର,୨୭।୮ (ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ଥାନା ଅନ୍ତର୍ଗତ ବିଲେଇମୁଣ୍ଡା ଟପରିଆ ରାସ୍ତାରେ ଏକ ଟ୍ରେଲର ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲୁଆବାହାଲ ଗ୍ରାମର ନରୋତ୍ତମ ବାଗ (୩୦)। ପୋଲିସ ମୃତଦେହ ଜବତ କରି ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ଜବତ କରିଛି। ଏଥିସହ ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ନରୋତ୍ତମ ବେଲଡିପା ଗ୍ରାମରୁ ଚାଲିଚାଲି ଆସୁଥିବା ସମୟରେ ତାଙ୍କ ପଛପଟୁ ଆସୁଥିବା ଏକ ଟ୍ରେଲର ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଉଲ୍ଲେଖଯୋଗ୍ୟ, ସେ ଦିନମଜୁରିଆଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ।

### ବୋଲେରୋ ଓଲଟି ୩ ଗୁରୁତର



କୁତ୍ରା,୨୭।୮ (ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ବିଜୁ ଏକ୍ସପ୍ରେସ୍ ୱେ ଖାରବେଡାସ୍ଥିତ ଡାଲମିଆ କଲେଜ ନିକଟରେ ରବିବାର ସକାଳେ ଏକ ବୋଲେରୋ ଭାରସାମ୍ୟ ହରାଇ ଓଲଟିପଡିଥିଲା। ଏଥିରେ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସାବିତ୍ରୀ ବନଛୁର (୬୦), ବୁଟ ମାକର (୪୫) ଓ ସୁକାନ୍ତି ବନଛୁର(୪୮)। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ପ୍ରଥମେ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସାବିତ୍ରୀ ଓ ବୁଟଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି। ଘଟଣା ସ୍ଥଳରେ କୁତ୍ରା ପୋଲିସ ପହଞ୍ଚି ତଦନ୍ତ କରୁଛି। ସୂଚନାଯୋଗ୍ୟ, ବଡ଼ଗାଁ ବ୍ଲକ ସାହାଜବାହାଲ ଗ୍ରାମରୁ ୧୧ ଯାତ୍ରୀ ମାଣ୍ଡିଆକୁଦରକୁ ଏକ ବୋଲେରୋ ଓଡି ୧୪ କ୍ୟୁ ୨୯୮୭ ଯୋଗେ ଯାଉଥିବାବେଳେ ଡାଲମିଆ କଲେଜ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ୩ ଯାତ୍ରୀ ଗୁରୁତର ହୋଇଥିଲେ।

### ଚାଷୀଙ୍କ ସମସ୍ୟା ନେଇ ଜିଲା କୃଷକ ସଙ୍ଘର୍ଷ ସଙ୍ଘର ବୈଠକ

**ଦେବଗଡ଼,୨୭।୮ (ଶଶାଙ୍କ ଶେଖର ଝାଙ୍କର):** ଦେବଗଡ ପୌରାଞ୍ଚଳର ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ସ୍ଥାନୀୟ ସୌରଭ କମ୍ପ୍ଲେକ୍ସଠାରେ ଜିଲା କୃଷକ ସଙ୍ଘର୍ଷ ସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷକ ସଙ୍ଘର୍ଷ ସଂଘର ସଭାପତି ସେମ ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବହୁ ଚାଷୀ ନେତା ଏବଂ ଚାଷୀ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଏଗୁଡିକର ସମଧାନ ନେଇ ଗଠନ ମୂଳକ ପ୍ରସ୍ତାବ ଦେଇଥିଲେ। ଏଥିସହ ସମସ୍ୟା ଗୁଡିକର ସମାଧାନ ପାଇଁ ଆଗାମୀ ଦିନରେ ବିଭାଗୀୟ ଅଧିକାରୀ ଏବଂ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ସହ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ବିଶେଷଭାବେ ସରକାରୀ ଜମି ଦଖଲ କରି ଚାଷ କରୁଥିବା ଜମିର ପଟ୍ଟା ପ୍ରଦାନ, ଆଦିବାସୀଙ୍କ ଦଖଲରେ ଥିବା ଜଙ୍ଗଲ ଜମୀର ପଟ୍ଟା ପ୍ରଦାନ, ଭୂମିହୀନ ଚାଷୀ ତଥା ଜନସାଧାରଣଙ୍କୁ ପଟ୍ଟା ପ୍ରଦାନ, ରେଙ୍ଗାଳୀ ଡ୍ୟାମ ବାସତ୍ୟୁତମାନେ ପାଇ ନ ଥିବା ବକେୟା ଜମି ପ୍ରଦାନ ସହ କିଷମ ପରିବର୍ତ୍ତନ ଓ ଜିଲାରେ ହାଇଟେକ ସର୍ଭେକୁ ବାତିଲ କରିବା ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଘ ସମ୍ପାଦକ ଗୁଣନିଧି ବେହେରା, ଗିରିଧାରୀ ପ୍ରଧାନ, ଝସକେତନ ସାହୁ, ଦେବରାଜ ପ୍ରଧାନ, ଚେଣ୍ଡାଳ ଜାଲ, ଗୋବିନ୍ଦ ଚନ୍ଦ୍ର ବାଘ, ବିରେନ୍ଦ୍ର ବାରିକ , ସୁରେଶ ଚନ୍ଦ୍ର ଦେହୁରୀ ଓ ଟଙ୍କଧର ସାହୁଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

# ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗ ଉଠିଲା

## ବିଜେଡି କର୍ମୀ ସମ୍ମିଳନୀ



ଜଣେ ବ୍ୟକ୍ତିଙ୍କୁ ଉତ୍ତରୀୟ ଦିଆଯାଇ ଦଳକୁ ସ୍ୱାଗତ କରାଯାଉଛି।

ବଡ଼ଗାଁ,୨୭।୮ ( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଗତ ୨୪ରେ ବିଜେଡିର ରାଜ୍ୟ କର୍ମକର୍ତ୍ତା ଡ. ପ୍ରଫୁଲ୍ଲ ମାଝିଙ୍କ ଆହ୍ୱାନ କ୍ରମେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହାର ୨ ଦିନ ପରେ ଅର୍ଥାତ୍ ରବିବାର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବ୍ଲକ ବିଜେଡି ସଭାପତି ଦେବାଶିଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଫାର୍ମ ହାଉସ୍‌ଠାରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଜିଲା ସଭାପତି ତଥା ଏସ୍‌ଡିସି ଅଧ୍ୟକ୍ଷ ବିନୟ ଟପୋ ମୁଖ୍ୟ ଅତିଥି ଓ ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ରାଜଗାଙ୍ଗପୁର ଟାଉନ ସଭାପତି ରାଜେନ୍ଦ୍ର ଲେଙ୍କା, ରାଜେନ୍ଦ୍ର ମହାନ୍ତି, ବିକ୍ରମ ଟପୋ, ମିଶନ ଶକ୍ତି ସଭାନେତ୍ରୀ ଯାଜ୍ଞସେନୀ ସାରପଟିଆ, ସମିତି ମେମ୍ବର ସାରିକା କେରକେଟା, ବରିଷ୍ଠ ନେତା ବସନ୍ତ ସାହୁ, ବୀରେନ୍ଦ୍ର ରାଉତରାୟ, ବ୍ଲକ ଯୁବ ବିଜେଡି ସଭାପତି ସରୋଜ ସାହୁ, ବ୍ଲକ୍ ଛାତ୍ର ସଭାପତି ଏମ୍‌ଡି ତାରିକଙ୍କ ସହିତ କେତେକ ସରପଞ୍ଚ ଓ ସମିତି ସଭ୍ୟ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଏକମା ଓ ଦାଣ୍ଡଜମରା ଗାଁର ୬ ଯୁବକ ବିଜେଡିରେ ସାମିଲ ହୋଇଥିଲେ। ଦଳରେ ଯୋଗଦେଇଥିବା ସନ୍ତୋଷ ମହାକୁଡ, ପୂର୍ବତନ ସମିତି ସଭ୍ୟ କାଶ୍ମୀର ବା, ସୁନୀଲ ଶୋରେଙ୍ଗ, ବିକାଶ ଡୁଙ୍ଗଡୁଙ୍ଗ, ସୁମୀତ ବା, ଆନନ୍ଦ ଜମକିଆରଙ୍କୁ ଅତିଥିମାନେ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଥିଲେ। ଏହି କର୍ମୀ ସମ୍ମିଳନୀରେ କେତେକ ବକ୍ତା ବ୍ଲକ କିମ୍ବା ଜିଲା ସଭାପତିଙ୍କ ଅଜାଣତରେ ଗତ ୨୪ କର୍ମୀ ସମ୍ମିଳନୀ କରାଯାଇଥିବା କହି ଅସନ୍ତୋଷ ପ୍ରକାଶ କରିଥିଲେ। ଆଉ କେତେକ ବକ୍ତା ଦଳ ବିରୋଧୀ କାର୍ଯ୍ୟ ହେଉଥିବା ଓ ଏହା ଉପରେ ପର୍ଯ୍ୟବେକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ କହିଥିଲେ। ଦଳୀୟ ନେତାମାନେ ନବୀନ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା, ସହାୟତା, ଚିକିତ୍ସା ସେବା, ଏସ୍‌ଏଚ୍‌ଜି ମହିଳାଙ୍କୁ ଆର୍ଥିକ ସହଯୋଗ ଦେଇ ଆତ୍ମନିର୍ଭରଶୀଳ କରିବା ସହ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ କଲ୍ୟାଣକାରୀ ଯୋଜନାଗୁଡିକ ଉପରେ ଆଲୋଚନା କରିଥିଲେ।

# ୯ ଦଫା ଦାବି ନେଇ ବିଡିଓଙ୍କୁ ଦାବିପତ୍ର ପ୍ରଦାନ



ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

ଲାଠିକଟା,୨୭।୮ (ରାମେଶ୍ୱର ଖାଡ଼ଙ୍ଗା)

ରାଜ୍ୟ ଯୋଗାଣ ସହାୟକ ସଂଘ ପକ୍ଷରୁ ୯ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ମନୋସ୍ୱିନୀ ଦାସଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଯୋଗାଣ ସହାୟକଙ୍କ ଚାକିରି ସ୍ଥାୟୀ କରିବା, ମାସକୁ ୨୪୦୦୦ ଟଙ୍କା ଦରମା, କାର୍ଯ୍ୟରତ ଯୋଗାଣ ସହାୟକଙ୍କୁ ମୃତ୍ୟୁକାଳୀନ ସହାୟତା ପ୍ରଦାନ ସହ ତାଙ୍କ ପରିବାରର ଜଣକୁ ସରକାରୀ ଚାକିରି ପ୍ରଦାନ ଆଦି ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବି ପୂରଣ ନ ହେଲେ ସଂଘ ତରଫରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ସ୍ୱାସ୍ଥ୍ୟମେଳାରେ ୩୬୭ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ସ୍ୱାସ୍ଥ୍ୟମେଳାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

କୁତ୍ରା,୨୭।୮ (ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପୂର୍କାପାଲି ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏଶନ ତରଫରୁ ଏକ ସ୍ୱାସ୍ଥ୍ୟମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଭାଗ ପକ୍ଷରୁ ୩୬୭ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ସମସ୍ତ ରୋଗର ଚିକିତ୍ସା କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସରୋଜ କୁମାର ମିଶ୍ର ଏବଂ ଓମସାର ସଭାପତି ଡ. ନାରାୟଣ ରାଉତ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. କାହ୍ନୁଚରଣ ନାଏକ, କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଶ୍ରୀକାନ୍ତ ଟପ୍ପୋ, ଡ. ସମୀର ପାତ୍ର, ଡ. ପଣ୍ଡିତ ସାହ, ଡ. ସରୋଜ ରୟ, ନିରଞ୍ଜନ ଭୋଜ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିନୋଦ ବାର୍ଲା, ଜୟପାଲ ମୁର୍ମୁ, ଭାଦୁଆ ଓରାମ, ଗୀତାଞ୍ଜଳି ରାଉତରାଏଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ, ଆଶା ଦିଦି ସହଯୋଗ କରିଥିଲେ।

# ଅବନକେଲାରେ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି



ସଭାରେ ଉପସ୍ଥିତ ଗ୍ରାମବାସୀ।

ସୁନ୍ଦରଗଡ,୨୭।୮ (ଜୟ ନାରାୟଣ ମେଣ୍ଟୁଲି)

ଅବନକେଲା ଗ୍ରାମରେ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଗ୍ରାମବାସୀଙ୍କୁ ନେଇ ଗଦାଧର ପଟେଲଙ୍କ ସଭାପତିତ୍ୱରେ ରବିବାର ସନ୍ଧ୍ୟାରେ ସ୍ଥାନୀୟ ପ୍ରଗତି ମଣ୍ଡପଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଫିରୋଜ କୁମାର ପଟେଲ ଗତ ବର୍ଷର ଆୟବ୍ୟୟ ବିବରଣୀ ପଠନ କରିଥିଲେ। ପରେ ନୂତନ ପୂଜା କମିଟି ଗଠନ ପ୍ରକ୍ରିୟାରେ କିଶୋର ନାଏକ ସଭାପତି, ଅଲେଖ ସେଟ ଉପସଭାପତି, ଫିରୋଜ କୁମାର ପଟେଲ ସମ୍ପାଦକ, ମିରାନନ୍ଦ ସେଟ ସହ ସମ୍ପାଦକ, କ୍ଷେମାଶିଳ ପଟେଲ କୋଷାଧ୍ୟକ୍ଷ ଭାବରେ ମନୋନୀତ ହୋଇଥିଲେ। ପୂଜା କମିଟି ଉପଦେଷ୍ଟାଭାବେ ଅଲେଖ ପଟେଲ, ଗଦାଧର ପଟେଲ, ସୁରେନ୍ଦ୍ର ବଡେକ, ଡିସେମ୍ବର ପଟେଲ, ଉଦିତ ପଟେଲ, ଗିରିଧାରୀ ପଟେଲଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଜୟ ଜଗନ୍ନାଥ କଳା ପରିଷଦ ଅବନକେଲାର କଳାକାରମାନେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଦୁର୍ଗାପୂଜା ସମୟରେ ଭେଟିଦେବେ ବୋଲି ସଭାରେ ସ୍ଥିରୀକୃତ ହୋଇଥିଲା। ଏହିସହ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଆଲୋଚନା କରାଯାଇଥିଲା। ସଭାରେ ଫିରୋଜ କୁମାର ପଟେଲ, କିଶୋର ନାଏକ, କୃପାସିନ୍ଧୁ ପଟେଲ, କମଳ ପଟେଲ, ମିରାନନ୍ଦ ସେଠ, ଆଲୋକ ପଟେଲ, ଲବଣି ପଟେଲ, ମନୀଷ ପଟେଲ, ଯୋଗେଶ୍ୱର ପଟେଲ, ଡିସେମ୍ବର ପଟେଲ, କୋଦଣ୍ଡ ପଟେଲ, ଦୁଲନନ୍ଦ ସେଟ, ସୁରେନ୍ଦ୍ର ବଡେକ ପ୍ରମୁଖ ଉପସ୍ଥିତ ଥିଲେ।

# ଫାଇନାନ୍ସ କର୍ମଚାରୀଙ୍କଠୁ ଲୁଟ୍

**ଦେବଗଡ଼,୨୭।୮ (ଶଶାଙ୍କ ଶେଖର ଝାଙ୍କର):** ରିଆମାଳ ଥାନା କଂସର ଫାଣ୍ଡି ଅନ୍ତର୍ଗତ ସଡୋ ଗ୍ରାମ ନିକଟରେ କେତେକ ଦୁର୍ବୃତ୍ତ ଭାରତ ଫାଇନାନ୍ସର ଜଣେ କର୍ମଚାରୀଙ୍କୁ ଅଟକାଇ ନଗଦ ଟଙ୍କା, ଏକ ଟ୍ୟାବଲେଟ ଓ ଏକ ବାୟୋମ୍ୟାଟ୍ରିକ ସ୍କାନର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ରିଆମାଳ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସମ୍ବଲପୁର ଜିଲାର ଜମନକିରାସ୍ଥିତ ଭାରତ ଫାଇନାନ୍ସ ଶଖାରେ ସଂଘ ପରିଚାଳକ ଭାବେ କାର୍ଯ୍ୟରତ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଅଞ୍ଚଳର ସିତମ ପଟେଲ(୧୯)ଗତ ୨୪ ତାରିଖ ସକାଳେ ସାପ୍ତାହିକ କିସ୍ତି ଆଦାୟ କରିବା ପାଇଁ ନିକଟସ୍ଥ କେତେକ ଗ୍ରାମ ସମେତ ଦେବଗଡ ଜିଲାର ସଡୋ ଗ୍ରାମକୁ ଯାଇଥିଲେ। କିନ୍ତୁ ଟଙ୍କା ବାବଦକୁ ମୋଟ ୩୧ହଜାର ୨୦୫ ଟଙ୍କା ଆଦାୟ କରି ଅଫିସକୁ ଫେରୁଥିବା ବେଳେ ସନ୍ଧ୍ୟା ୮ଟା ସମୟରେ ସଡୋ ଗ୍ରାମ ନିକଟସ୍ଥ ଏକ ପୋଲ ଉପରେ ୪ ଯୁବକ ୨ଟି ବାଇକ୍ ରଖି ରାସ୍ତା ଅବରୋଧ କରିଥିଲେ। ଏହା ଦେଖି ସିତମ ବାଇକ ସହ ପଛକୁ ଫେରିବାକୁ ଉଦ୍ୟମ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ଯୁବକ ତାଙ୍କୁ ଠେଲି ତଳେ ପକାଇଦେବା ସହିତ ମାଡ ମାରିଥିଲେ। ଏଥିସହ ସିତମ ଧରିଥିବା ଟଙ୍କା ବ୍ୟାଗଟିକୁ ଲୁଟି ନେବାସହ ବାଇକ ଯୋଗେ ଟିକିଲିପଡା ଆଡକୁ ଫେରାର ହୋଇଯାଇଥିଲେ। ଏନେଇ ସିତମ ୨୫ ତାରିଖରେ ରିଆମାଳ ଥାନାରେ ଅଭିଯୋଗ କରିଥିଲେ।

# କଂଗ୍ରେସରେ ଯୋଗଦେବେ ପ୍ରବୋଧ ତୀର୍କି



ପ୍ରବୋଧ ତୀର୍କି

ସୁନ୍ଦରଗଡ,୨୭।୮ (ଜୟ ନାରାୟଣ ମେଣ୍ଟୁଲି)

ଭାରତୀୟ ହକି ଦଳର ପୂର୍ବତନ ତାରକା ପ୍ରବୋଧ ତୀର୍କି ଏବେ କଂଗ୍ରେସରେ ଯୋଗଦେଇ ସୁନ୍ଦରଗଡ଼ ଜିଲାର ତଳସରା ବିଧାନସଭା ଆସନରୁ ବିଧାୟକ ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ସେ ବର୍ତ୍ତମାନ ସୁଦ୍ଧା ଆନୁଷ୍ଠାନିକଭାବେ କଂଗ୍ରେସରେ ଯୋଗଦେଇ ନ ଥିଲେ ମଧ୍ୟ ତାଙ୍କୁ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଛି। ସେ କହିଛନ୍ତି, ଆଦିବାସୀବହୁଳ ତଳସରା ନିର୍ବାଚନମଣ୍ଡଳୀର ଲୋକେ ତଥା ତାଙ୍କ ପରିବାର ପୂର୍ବରୁ କଂଗ୍ରେସରେ ରହିଆସିଛନ୍ତି। ତେଣୁ ସେ କଂଗ୍ରେସ ଯିବାକୁ ସ୍ଥିର କରିଛନ୍ତି। କଂଗ୍ରେସ ସବୁବେଳେ ଲୋକଙ୍କ ସାଙ୍ଗରେ ରହିଛି ବୋଲି ସେ କହିଛନ୍ତି।

# ଅନ୍ତର୍ଜାତୀୟ ମୁଷ୍ଟିଯୁଦ୍ଧ ଦିବସରେ ସୁଶାନ୍ତ ସମ୍ବର୍ଦ୍ଧିତ



ସୁଶାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସୁନ୍ଦରଗଡ,୨୭।୮ (ଜୟ ନାରାୟଣ ମେଣ୍ଟୁଲି)

ପୁରୀ ତାଳବଣିଆ ଷ୍ଟାଡିୟମଠାରେ ବକ୍ସିଂ ଏକାଡେମୀ ତରଫରୁ ଅନ୍ତର୍ଜାତୀୟ ମୁଷ୍ଟିଯୁଦ୍ଧ ଦିବସ ରବିବାର ପାଳନ କରାଯାଇଛି। ପ୍ରଥମେ ସକାଳ ୭ ଟାରେ ଶ୍ରୀମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରି ବକ୍ସିଂ ଖେଳାଳୀ ସହର ପରିକ୍ରମା କରଥିଲେ। ପରେ ଷ୍ଟାଡିୟମ ଠାରେ ପହଞ୍ଚିଥିଲେ। ଏହା ପରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଓଡିଶା ଆଥେଲେଟିକ୍ସ ଆସୋସିଏଶନ କୋଷାଧ୍ୟକ୍ଷ ରବି ଶଙ୍କର ପ୍ରତିହାରୀ ଓ ପ୍ରତାପ ପୁରୁଷୋତ୍ତମ ପୁର ଦେବ ଡିଗ୍ରୀ କଲେଜ ପ୍ରିନ୍ସିପାଲ ସୁଦର୍ଶନ ମହାରଥୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲା ଆମେଚର୍ ବକ୍ସିଂ ସଂଘର ସମ୍ପାଦକ ସୁଶାନ୍ତ କୁମାର ଷଡ଼ଙ୍ଗୀଙ୍କୁ ମାନପତ୍ର, ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ଜିଲାର ଅଗ୍ରଣୀ ଅନୁଷ୍ଠାନ ଜନ ସେବା ସମିତି ଯୋଗିମାଳର ସଭାପତି ନଳୀନ କୁମାର ପଟେଲ ସମ୍ବର୍ଦ୍ଧିତ ହୋଇଥିଲେ। ବିଭିନ୍ନ ଜିଲା କୋଚ୍‌ଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲାରୁ ଜାତୀୟ ଖେଳାଳୀ ଲିପ୍ସା ଷଡ଼ଙ୍ଗୀ ଏବଂ ସୋନାଲି ପଟେଲ ମଧ୍ୟ ଯୋଗଦେଇଥିଲେ। ଆନ୍ତର୍ଜାତୀୟ ମୁଷ୍ଟିଯୁଦ୍ଧ ଦିବସରେ ସୁନ୍ଦରଗଡ ଜିଲ୍ଲାରୁ ଷଡଙ୍ଗୀ ବାବୁ ସମ୍ମାନୀତ ହୋଇଥିବାରୁ ଜନ ସେବା ସମିତି ଯୋଗିମାଳ ଅନୁଷ୍ଠାନ, ସୁନ୍ଦରଗଡ ଜିଲା ସିପକ୍ ଟାକ୍ରୋ ସଂଘ ଓ ଜିଲା ଆମେଚର୍ ବକ୍ସିଂ ସଂଘର ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି। ରବିଶଙ୍କର ପ୍ରତିହାରୀ ମଞ୍ଚ ପରିଚାଳନା କରିଥିବା ବେଳେ ବକ୍ସିଂ ଏକାଡେମୀ ପ୍ରତିଷ୍ଠାତା ସୁଦର୍ଶନ ସାହୁ ଧନ୍ୟବାଦ ଦେଇଥିଲେ।

# ଚିକିତ୍ସାଧୀନ ପୋଲିସ ଅଧିକାରୀଙ୍କ ମୃତ୍ୟୁ

ରାଉରକେଲା,୨୭।୮ (ସଙ୍ଗୀତା ଜେନା)

ଟାଙ୍ଗରପାଲି ଥାନାରେ କାର୍ଯ୍ୟରତ ଏସ୍‌ଆଇ ପ୍ରଦୀପ ମଲ୍ଲିକ(୫୩)ଙ୍କ ଶନିବାର ରାତିରେ ମୃତ୍ୟୁ ହୋଇଛି। ରବିବାର ବେଦବ୍ୟାସ ତ୍ରିବେଣୀ ସଙ୍ଗମରେ ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି। ସୂଚନାଯୋଗ୍ୟ, ଏସ୍‌ଆଇ ମଲ୍ଲିକ ଦୀର୍ଘଦିନରୁ ଯକୃତ ଜନିତ ରୋଗରେ ପୀଡ଼ିତ ଥିଲେ। ଗତ ୨୫ ତାରିଖରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ତାଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶନିବାର ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

# ତ୍ରିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ



ଫୁଟ୍‌ବଲ ଟୁର୍ନାମେଣ୍ଟରେ ପ୍ରତିଯୋଗୀମାନେ।

ଦେବଗଡ,୨୭।୮ (ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ କଦୋପଡା ପଞ୍ଚାୟତ ପଲ୍ଲିପ୍ରଗତି କ୍ଲବ ଆନୁକୂଲ୍ୟରେ ତ୍ରିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ସରପଞ୍ଚ ସଂଘ ସଭାପତି ସତ୍ୟନାରାୟଣ ପାଣି, ସମ୍ମାନିତ ଅତିଥି ସରପଞ୍ଚ ଦୀପକ କୁମାର ନାୟକ, ପୂର୍ବତନ ଖେଳ ଶିକ୍ଷକ ଦାମୋଦର ଗଡ଼ନାୟକ, କଦୋପଡ଼ା ସମବାୟ ସେକ୍ରେଟାରୀ ସୁରେଶ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ଏହି ସମୟରେ କ୍ଲବ ସଭାପତି ସରୋଜ ଗଡ଼ନାୟକ ଉପସ୍ଥିତ ଥିଲେ। କ୍ୱାର୍ଟର ଫାଇନାଲ ମ୍ୟାଚରେ ୮ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ମିକ୍ସ ବ୍ରଦର୍ସ ଏବଂ ଗଣେଶ ସ୍ପୋର୍ଟ୍ସ ଦଳ ଶେଷରେ ଫାଇନାଲ ଦଳ ଖେଳାଳିଭାବେ ଘୋଷିତ କରାଯାଇଥିଲା।

# ଅଜଣା ଗାଡ଼ି ଧକ୍କାରେ ଯୁବକ ଗୁରୁତର

## ପ୍ରତିବାଦରେ ଗ୍ରାମବାସୀଙ୍କ ରାସ୍ତା ରୋକୋ



ଗ୍ରାମବାସୀମାନେ ରାସ୍ତା ରୋକ କରିଛନ୍ତି।

ଲହୁଣୀପଡ଼ା,୨୭।୮ (ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କଲେଇପୋଷ ପୂର୍ତ୍ତ ବିଭାଗ ରାସ୍ତାର କେନ୍ଦୁଡିହିଠାରେ ରବିବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ସାଇକେଲ ଅରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ଦିଲୀପ ଓରାମ (୪୫)। ସେ ନିକଟସ୍ଥ ଗୋଧୂଳି ସାପ୍ତାହିକ ହାଟରୁ ସାଇକେଲ ଯୋଗେ ନିଜ ଘରକୁ ଫେରୁଥିବା ବେଳେ ଲହୁଣୀପଡ଼ା ପଟୁ ବରସୁଆଁ ପଟେ ଯାଉଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଦିଲୀପଙ୍କୁ ଲହୁଣୀପଡ଼ା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିଲା। ଏହି ଦୁର୍ଘଟଣା ପ୍ରତିବାଦରେ ଗ୍ରାମବାସୀ ରାସ୍ତା ରୋକୋ କରିଛନ୍ତି। ରାସ୍ତା ଉପରେ ହମ୍ପସ ନିର୍ମାଣ, ଖୋଳାଯାଇଥିବା ରାସ୍ତାର ତୁରନ୍ତ ମରାମତି, ଗାଡିକୁ ଧରିବା ଏବଂ ଚିକିତ୍ସା ପାଇଁ ସହାୟତା ଦେବା ଦାବି କରି ଗ୍ରାମବାସୀ ରାସ୍ତା ରୋକୋ କରିଛନ୍ତି। ଖବରପାଇ ଲହୁଣୀପଡ଼ା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ସେମାନେ ନିଜ ଜିଦରେ ଅଟଳ ଥିବା ଜଣାପଡ଼ିଛି। ଖବର ଲେଖା ହେବା ପର୍ଯ୍ୟନ୍ତ (ରାତି୧୦)ଟା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଛି।

## ସଂକ୍ଷେପରେ

### ଜଜ୍‌ଙ୍କ ଘରେ ଭଙ୍ଗାରୁଜା, ଜିନିଷପତ୍ର ଲୁଟ

ଭବାନୀପାଟଣା,୨୭।୮
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଧର୍ମଗଡ଼ ସହରସ୍ଥିତ ଦୌରା ଜଜ୍ ବିଶ୍ୱଜିତ ଦାସଙ୍କ ବାସ ଭବନରୁ ଚୋରି ହୋଇଛି। ଘରେ କେହି ନ ଥିବା ସୁଯୋଗ ନେଇ ଶନିବାର ରାତିରେ ଚୋରମାନେ କବାଟ ଭାଙ୍ଗି ଘର ଆସବାବ ପତ୍ର ଭଙ୍ଗାରୁଜା କରି ଜିନିଷପତ୍ର ଲୁଟ ପାଟ କରିଥିବା ସୂଚନା ମିଳିଛି। ହେଲେ ଘରୁ ମୂଲ୍ୟବାନ ସାମଗ୍ରୀ ଚୋରି ହେଇଛି କି ନାହିଁ ତାହା ଜଣାପଡିନାହିଁ। ରବିବାର ସକାଳେ ଖବର ପାଇ ଧର୍ମଗଡ ଥାନା ଅଧିକାରୀ ଦାମୋଦର ବିହାର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅନ୍ୟପଟେ, ଜଜ୍ ଦାସ ବର୍ତ୍ତମାନ ବାଲେଶ୍ୱର ସହରରେ ଅବସ୍ଥାପିତ ଅଛନ୍ତି। ଫଳରେ ତାଙ୍କ ଘରେ କ'ଣ ଚୋରି ହୋଇଛି ତାହାର ସୂଚନା ମିଳିନାହିଁ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଧର୍ମଗଡ ସହରର ବ୍ୟସ୍ତବହୁଳ ଅଞ୍ଚଳରେ ଜଜ୍ ଦାସଙ୍କ ଘର ଅବସ୍ଥିତ ଥିବା ବେଳେ ଚୋରମାନେ ନିର୍ଭୟରେ ଚୋରି କରିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ସହରରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡି କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ଶ୍ରୀ ସତ୍ୟସାଇ ଦିବ୍ୟ ପାଦୁକା ରଥ ସ୍ୱାଗତ ସମ୍ବର୍ଦ୍ଧନା



ଧର୍ମଗଡ ବିଧାୟକ ସପତ୍ନୀକ ଦିବ୍ୟ ପାଦୁକା ରଥକୁ ସ୍ୱାଗତ କରୁଛନ୍ତି।

କୋକସରା,୨୭।୮
(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝିଗୁଡାଠାରେ ରବିବାର ଶ୍ରୀ ସତ୍ୟସାଇଙ୍କ ଦିବ୍ୟ ପାଦୁକା ରଥ ପହଞ୍ଚିଥିଲା। ମାଝିଗୁଡା ସତ୍ୟସାଇ ଭଜନ ମଣ୍ଡଳୀ ଆବାହକ ତାପସ ରଞ୍ଜନ ବାଗଙ୍କ ତତ୍ତ୍ୱାବଧାନରେ ଶତାଧିକ ସତ୍ୟସାଇ ଭକ୍ତଙ୍କ ଗହଣରେ ନଗର ସଂକୀର୍ତ୍ତନ ସହ ନଗର ପରିକ୍ରମା କରି ଶ୍ରଦ୍ଧାଳୁମାନେ ଦର୍ଶନ କରିଛନ୍ତି। ଏହି ରଥ ପରିକ୍ରମା କାର୍ଯ୍ୟକ୍ରମ ରାଜ୍ୟ ସଭାପତି ସତ୍ୟ ସ୍ୱରୂପ ପଟ୍ଟନାୟକ, ରାଜ୍ୟ ଉପସଭାପତି ପ୍ରତାପ ଚନ୍ଦ୍ର ମହାନ୍ତି, ସତ୍ୟସାଇଙ୍କ ଅନୁଗାମୀ ତଥା ଧର୍ମଗଡ଼ ବିଧାୟକ ମୌଷଧି ବାଗ, ଜିଲା ସଭାପତି ବେଣୁଧର କୁମାର, ସୂର୍ଯ୍ୟ ନାରାୟଣ ସେନାପତି, ମୁକୁନ୍ଦ ହଂସ, ଧର୍ମରାଜ ସାହୁ, ଲକ୍ଷ୍ମୀ କାନ୍ତ ପୁଞ୍ଜି, ଶଶୀ ଭୂଷଣ ବାଗ, ପ୍ରତାପ ଚନ୍ଦ୍ର ମହାପାତ୍ର, ଦୟା ସାଗର ପୋଡ଼ ତଥା ମାଝିଗୁଡା ସତ୍ୟ ସାଇ ଭଜନ ମଣ୍ଡଳୀର କର୍ମକର୍ତ୍ତା ମାନେ ଉପସ୍ଥିତ ରହିଥିଲେ।

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

ଖଡ଼ିଆଳ,୨୭।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ କିରିକିଟା ପଞ୍ଚାୟତ ଜୁନାପାଣି ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଉଜଳ ମାଝି (୫୬)। ପ୍ରକାଶ ଯେ ରବିବାର ସକାଳେ ଉଜଳ ଗ୍ରାମର କିଛି ଲୋକଙ୍କ ସହ ଛେଳି ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ତାଙ୍କୁ ଏକ ଭାଲୁ ଆକ୍ରମଣ କରିଥିଲା। ଏହି ସମୟରେ ଉଜ୍ଜଳ ଭାଲୁ ସହିତ ଲଢ଼େଇ କରି ଭାଲୁକୁ ତଳେ ପକାଇ ଦେଇଥିବା ବେଳେ ଆଉ ଏକ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ଭାଲୁ ଆକ୍ରମଣରେ ସେ ଚିତ୍କାର କରିବାରୁ ଅନତି ଦୂରରେ ଥିବା ଲୋକମାନେ ଆସି ତାଙ୍କୁ ଉଦ୍ଧାର କରିଥିଲେ। ଭାଲୁ ଉଜ୍ଜଳଙ୍କ କପାଳ ଓ ଖପୁରୀର ମାଂସ ନେଇ ଯାଇଥିବା ବେଳେ ତାଙ୍କ ବାମ ହାତକୁ ମଧ୍ୟ କାମୁଡି ଦେଇଥିବାରୁ ଗଭୀର ଆଘାତ ଲାଗିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପାଇଁ ପରିବାର ଲୋକେ ଦାବି କରିଛନ୍ତି।

# ୬ ବର୍ଷ ପରେ ପୁଣି ବିଦ୍ୟୁତ୍ ସେବା


ଦାନିକାପେଲ ଗାଁରେ ବିଦ୍ୟୁତ୍ ସଂଯୋଗ ପରେ ଲାଇଟ୍ ଲାଗିଛି।


ଦାନିକାପେଲ ଗାଁବାସୀ।

ଲାଞ୍ଜିଗଡ଼,୨୭।୮(ରମେଶ ଚନ୍ଦ୍ର ନାୟକ)

**୬ ବର୍ଷ ହେଲା ଅନ୍ଧାରରେ ଦାନିକାପେଲ ଗାଁ ଘଟଣା**

- ଖବର ପ୍ରକାଶର ୧୩ ଦିନ ପରେ ବିଜୁଳି ସଂଯୋଗ
- ୬ ବର୍ଷ ପରେ ବିଦ୍ୟୁତ୍ ବିଭାଗର ନିଦ ଭାଙ୍ଗିଲା

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ବେଗାଁ ଗ୍ରାମପଞ୍ଚାୟତ ଉପାନ୍ତ ଦାନିକାପେଲ ଗ୍ରାମବାସୀ ଦୀର୍ଘ ୬ ବର୍ଷ ଅନ୍ଧାରରେ ରହୁଥିବା ନେଇ ଗତ ୧୪ ତାରିଖରେ ଖବର ପ୍ରକାଶ ପରେ ବିଦ୍ୟୁତ୍ ବିଭାଗର ନିଦ ଭାଙ୍ଗିଲା। ଫଳରେ ଦୀର୍ଘ ୬ ବର୍ଷ ପରେ ଗ୍ରାମବାସୀ ବିଦ୍ୟୁତ୍ ସେବା ପାଇଛନ୍ତି। ବିଜୁଳି ସଂଯୋଗ ହେବା ପରେ ଗାଁର ଲକ୍ଷ୍ମଣ ମାଝି, କ୍ରିଷ୍ଣା ମାଝି, ରିଗେ ମାଝି, ଟିଙ୍ଗୁ ମାଝିଙ୍କ ସମେତ ଗ୍ରାମବାସୀ ଖୁସିବ୍ୟକ୍ତ କରିବା ସହିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସୂଚନାନୁସାରେ ଗାଁକୁ ଯେତେବେଳେ ବିଦ୍ୟୁତ ସଂଯୋଗ ହେଇଥିଲା ଗ୍ରାମବାସୀଙ୍କ ମନରେ ଖୁସିର ଲହରୀ ଖେଳି ଯାଇଥିଲା। କିନ୍ତୁ ବିଦ୍ୟୁତ୍ ସଂଯୋଗର ମାତ୍ର ୨ ବର୍ଷ ପରେ ଗ୍ରାମବାସୀଙ୍କ ସେହି ଖୁସି ମଉଳି ଯାଇଥିଲା। ଦୀର୍ଘ ୬ ବର୍ଷ ବିଦ୍ୟୁତ୍ ସେବାରୁ ବଞ୍ଚିତ ଥିଲେ। କିନ୍ତୁ ଉପଭକ୍ତାଙ୍କ ନାଁରେ ମୋଟା ଅଙ୍କର ବିଲ ଅସୁଥିଲା। ସୁଲିମରୁ ଦାନିକାପେଲ ମଧ୍ୟରେ ଏକ ଗଛପଡ଼ି ବିଦ୍ୟୁତ୍ ଖୁଣ୍ଟ ପଡିଯାଇ ତାର ଛିଣ୍ଡି ଯାଇଥିଲା ଏବଂ ସମ୍ପୂର୍ଣ୍ଣ ଭାବେ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇପଡିଥିଲା। ହେଲେ ଉପଭୋକ୍ତାଙ୍କ ନାମରେ ହଜାର ହଜାର ଟଙ୍କା ବିଲ ଆସୁଥିବା ଅଭିଯୋଗ ହେଇଥିଲା। ସୂଚନା ମୁତାବକ ଏହି ଗାଁରେ ୧୧ ଘର କୁଟିଆ କନ୍ଧ ସାମ୍ପ୍ରଦାୟର ଲୋକ ହାରାହାରି ୬୦ ବର୍ଷରୁ ଊର୍ଦ୍ଧ୍ୱ ହେବ ବାସ କରିଆସୁଥିବା ବେଳେ ମାତ୍ର ୫ ଘରକୁ ବିଦ୍ୟୁତ୍ ସଂଯୋଗ ହୋଇଛି। ହେଲେ ଉକ୍ତ ୫ ଘରେ ବିଦ୍ୟୁତ୍ ସଂଯୋଗ ହୋଇଥିବାବେଳେ ସଂଯୋଗର ମାତ୍ର ୨ ବର୍ଷ ଉପଭୋକ୍ତାମାନେ ଉପଭୋଗ ପରେ ବିଚ୍ଛିନ୍ନ ହୋଇ ଆଜକୁ ୬ ବର୍ଷରୁ ଊର୍ଦ୍ଧ୍ୱ ହେଲା ବିଦ୍ୟୁତ୍ ସଂଯୋଗ ହୋଇନାହିଁ। କିନ୍ତୁ ୫ ଘର ପାଇଁ ୮୩୯୮୬ ଟଙ୍କା ବିଲ ଆସିଥିବାରୁ ଉପଭୋକ୍ତା ଅସନ୍ତୋଷ ପ୍ରକାଶ କରିଥିଲେ। ବିଚ୍ଛିନ୍ନ ବିଦ୍ୟୁତ୍ ସଂଯୋଗ ପାଇଁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଏବେ ଯାଏଁ ବିଭାଗର ନିଘା ନ ଥିଲା। ଫଳରେ ୬ ବର୍ଷ ଅନ୍ଧାରରେ ଜୀବନ ବିତାଉଥିଲେ ୧୧ଟି ପରିବାର। ଗାଁ ଘଞ୍ଚ ଜଙ୍ଗଲ ମଧ୍ୟରେ ରହିଥିବା ବେଳେ ଅନେକ ସମୟରେ ହାତୀ ପଲ ଯିବା ଆସିବା କରିଥାନ୍ତି ଏବଂ ଯେତେବେଳେ ଗାଁକୁ ହାତୀ ପଲ ପଶିବା ଜାଣନ୍ତି ସେତେବେଳୁ ଭୟରେ ଗ୍ରାମବାସୀ ସମସ୍ତେ ଏକତ୍ରିତ ହୋଇ ଗାଁ ମୁଣ୍ଡରେ ନିଆଁ ଜାଳି ଜଗି ବସିବାକୁ ପଡିଥାଏ। ଗାଁରେ ବିଦ୍ୟୁତ୍ ନ ଥିବା ଯୋଗୁ ଏପରି ପରିସ୍ଥିତି ସାମ୍ନା କରିବାକୁ ପଡୁଛି ବୋଲି ଗ୍ରାମବାସୀ ପ୍ରକାଶ କରିଥିଲେ। ଯଥା ସମ୍ଭବ ଦାନିକାପେଲ ଗାଁକୁ ବିଦ୍ୟୁତ ସଂଯୋଗ କରାଯାଉ ବୋଲି ଗ୍ରାମବାସୀ ପ୍ରଶାସନକୁ ନିବେଦନ କରିଥିଲେ। ଯଦି ଏହି ସମସ୍ୟା ସମାଧାନ ନ କଲେ ଆଗାମୀ ୨୦୨୪ ନିର୍ବାଚନରେ ଭୋଟ ବର୍ଜନ କରିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଥିଲେ।

## କେସିଙ୍ଗା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

କେସିଙ୍ଗା,୨୭।୮(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ମହାବିଦ୍ୟାଳୟର ୪୩ତମ ପ୍ରତିଷ୍ଠା ଦିବସ ମହାବିଦ୍ୟାଳୟ ସଭାଗୃହରେ ରବିବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠା ଅଧ୍ୟକ୍ଷ ତଥା ପରିଚାଳନା ସମିତି ସଭାପତି ପ୍ରଦୀପ କୁମାର ରଥ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ସୁରଥ ପ୍ରଧାନ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। କେସିଙ୍ଗା ମହାବିଦ୍ୟାଳୟ ପରିସରରେ ଖେଳ ପଡ଼ିଆ ନ ଥାଇ ମଧ୍ୟ ଆଥେଲେଟିକ୍ସ, ଭଲିବଲ, ଏନ୍‌ସିସି, ଶିକ୍ଷା ଦାନ ଆଦି କ୍ଷେତ୍ରରେ ଜାତୀୟସ୍ତରରେ କୃତିତ୍ୱ ହାସଲ କରି ଗୌରବ ଅର୍ଜନ କରି ଆସୁଛନ୍ତି ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ଦୀର୍ଘ ୪୨ବର୍ଷ ଧରି ଏହି ଅଞ୍ଚଳରେ ମହାବିଦ୍ୟାଳୟ ସ୍ଥାପିତ ହୋଇ ଶିକ୍ଷାଦାନ କରି ଆସୁଛି। ଏହି ଅଞ୍ଚଳବାସୀଙ୍କ ଗରିବ ଶ୍ରେଣୀର ପୁଅଝିଅ ଉଚ୍ଚ ଶିକ୍ଷାଦାନ ପାଉଥିବାରୁ ଅଞ୍ଚଳବାସୀଙ୍କ ମନରେ ଦୀର୍ଘ ଦିନର ସପ୍ନ ସାକାର ହୋଇଛି ବୋଲି ଅଧ୍ୟକ୍ଷ ପାଢ଼ୀ ପ୍ରକାଶ କରିଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କୃତୀ ଛତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା ସନ୍ତୋସିନୀ ପାଢ଼ୀ କରିଥିବା ବେଳେ ରାୟମୋହନ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରତିଷ୍ଠା ଦିବସରେ ଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ନୂଆପଡ଼ା,୨୭।୮(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ପଟୋରା–ଖୁଟମନଭେରା ପାଣିଟାଙ୍କି ପାଖ ଏକ ବୁଲାଣି ରାସ୍ତାରେ ରବିବାର ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ସାଇକେଲକୁ ପିଟିଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସଦର ବ୍ଲକ ତୁଲାଭାଟ ପଞ୍ଚାୟତ ସମିତି ସଭ୍ୟା ଉର୍ବଶୀ ସାହୁଙ୍କ ସ୍ୱାମୀ ଜୟ ସାହୁ (୩୫)। ଆମସେନା ପଞ୍ଚାୟତ କଲ୍ୟାଣପୁର ଗାଁର ସୋନୁ ସେଠ (୩୨), ଠେଲକୋବେଡା ଗାଁର ମୋହିତ ସତନାମୀ (୧୭), ପଣ୍ଡରିପାଣିର ରାଜେଶ ମାଝି (୨୨), ଭାଗବତ ସତନାମୀ (୧୮) ଆହତ ହୋଇ ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ମୋହିତଙ୍କ ଅବସ୍ଥା ଗୁରୁତର ହେବାରୁ ରାୟପୁର ସ୍ଥାନାନ୍ତର କରାଯାଇଛି।

# ଓଡ଼ିଶାର ଅନୁସୂଚିତ ଜାତିକୁ ଏକାଠି କରାଯିବ

ଭବାନୀପାଟଣା,୨୭।୮
(ଉତ୍ତମ କୁମାର ଦାଶ)


ଭବାନୀପାଟଣାରେ ଆୟୋଜିତ ବାଇକ୍ ଶୋଭାଯାତ୍ରା।

**ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନର ତୃତୀୟ ପ୍ରତିଷ୍ଠା ଦିବସ**

ରାଜ୍ୟରେ ଅବହେଳିତ ଓ ବଞ୍ଚିତ ହୋଇ ରହିଥିବା ଅନୁସୂଚିତ ଜାତି ସମୂହକୁ ଏକତ୍ରିତ କରିବ। ଏହି ଜାତିର ହକ ଓ ଅଧିକାର ସୁରକ୍ଷା ପାଇଁ ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ବୈଚାରିକ ସଙ୍ଗଠନ ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ ଦାୟିତ୍ୱ ସହିତ କାର୍ଯ୍ୟ କରିବ ବୋଲି ରବିବାର ଭବାନୀପାଟଣାରେ ଅନୁଷ୍ଠିତ ଫେଡେରେଶନର ତୃତୀୟ ପ୍ରତିଷ୍ଠା ଦିବସ ଅବସରରେ ଜିଲା ପଦାଧିକାରୀ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ନକଟିଗୁଡ଼ା ଛକରୁ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏକ ସଦଭାବନା ବାଇକ୍ ଶୋଭାଯାତ୍ରା ପୁରୁଣାପଡ଼ା, ବଡ଼ପଡ଼ା, ମାଣିକେଶ୍ୱରୀ ମନ୍ଦିର, ଷ୍ଟେଚ୍ୟୁଛକ, କଲେଜ ଛକ ଦେଇ ରେଳଷ୍ଟେଶନ ଛକ ଯାଏଁ ଯାଇଥିଲା। ସେଠାରେ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏଇ ବିଶାଳ ଶୋଭାଯାତ୍ରା ଦୟାନିଧି ଛକ, ଘୋଡ଼ାଛକ, କୋର୍ଟଛକ, ଜେଲଛକ ଦେଇ ନକଟିଗୁଡ଼ା ଆମ୍ବେଡକର ଭବନ ନିକଟରେ ସମାପନ ହୋଇଥିଲା। ଶୋଭାଯାତ୍ରାରେ ଜିଲାର ୧୩ଟି ବ୍ଲକ, ୩ଟି ଏନଏସି, ଗୋଟିଏ ମ୍ୟୁନିସିପାଲିଟି ଅଞ୍ଚଳରୁ ଶତାଧିକ ବାଇକ ସାମିଲ ହୋଇଥିଲା। ଅନୁଷ୍ଠିତ ସଭାରେ ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ ସଭାପତି ଶ୍ରୀବସ୍ତ ତାଣ୍ଡି ସଭାପତିତ୍ୱ କରିଥିବାବେଳେ ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ କୁମାର ପ୍ରତିଷ୍ଠା ଦିବସର ବିବରଣୀ ପାଠ କରିଥିଲେ। ଅତିଥି ଭାବେ ଫେଡେରେଶନ କାର୍ଯ୍ୟକାରୀ ସଭାପତି ଋଷିସୂଦନ ଛତ୍ରପାଲ, ଆଶିଷ ରଞ୍ଜନ ନାଏକ, ମହିଳା କର୍ମଚାରୀ ବିଭାଗ ମୁଖ୍ୟ ପୁଷ୍ପଲତା ବାଗ, ଉପଦେଷ୍ଟା ଏସ ସୁଜାତା, ଯୁବ ବିଭାଗ ମୁଖ୍ୟ ଚନ୍ଦନ ନାଏକ, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଫେଡେରେଶନର କର୍ମଚାରୀ ବିଭାଗ ମୁଖ୍ୟ ବୈକୁଣ୍ଠ ବେମାଲ ସଭା ପରିଚାଳନା କରିଥିଲେ। ଉପଦେଷ୍ଟା ତ୍ରିନାଥ ନାଏକ, ଉପସଭାପତି ତଥା ମ. ରାମପୁର ବ୍ଲକ ପ୍ରଭାରୀ ଡୋଳେଶ୍ୱର ନାଏକ, କର୍ଲାମୁଣ୍ଡା ବ୍ଲକ ସଭାପତି ବରୁଣ ସୁନା, ଉପସଭାପତି ତଥା କେସିଙ୍ଗା ବ୍ଲକ ସଭାପତି କ୍ଷେତ୍ରମଣି ସେନାପତି, ଜିଲା କାର୍ଯ୍ୟକାରୀ କମିଟି ସଦସ୍ୟ ସୁଶୀଲ କୁମାର ବାଗ, ମିଡିଆ ସଂଯୋଜକ ରଜନୀକାନ୍ତ ସମଲିଆ, କେସିଙ୍ଗା ବ୍ଲକ ସାଧାରଣ ସମ୍ପାଦକ ଦୁଃଖୀରାମ କୁମାର, ଛାତ୍ର ବିଭାଗ ମୁଖ୍ୟ ନିରଞ୍ଜନ ନାଏକ, ଜିଲା ଯୁବ ସମ୍ପାଦକ କୈଳାସ ସୁନା, ଯୁବ ବିଭାଗ ନବୀନ ସୁନା, ନର୍ଲା ବ୍ଲକ ଯୁବ ସଭାପତି ଦେବାଶିଷ କୁମାର, ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟକାରୀ କମିଟି ସଦସ୍ୟ ଘାସିରାମ ବାଗ, ବିକ୍ରମ ଛତ୍ରିଆ, ଜଳଧର ସାଗରଙ୍କ ସମେତ ଜିଲାର ୧୩ଟି ବ୍ଲକ, ୩ଟି ଏନଏସି, ଗୋଟିଏ ମ୍ୟୁନିସିପାଲିଟି ଅଞ୍ଚଳରୁ ଛଅଶହରୁ ଊର୍ଦ୍ଧ୍ୱ ସଦସ୍ୟା, ସଦସ୍ୟ ଉପସ୍ଥିତ ଥିଲେ।

## ଯୋଗାଣ ସହାୟକ ସଂଘ ପକ୍ଷରୁ ୬ ଦଫା ଦାବିପତ୍ର

ଖଡ଼ିଆଳ,୨୭।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଯୋଗାଣ ସହାୟକ ସଂଘ ପକ୍ଷରୁ ଜିଲାପାଳ ଓ ସିଏସଓଙ୍କୁ ସାକ୍ଷାତ କରି ୬ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ୬ ଦଫା ଦାବି ନେଇ ଓଡ଼ିଶା ରାଜ୍ୟ ଯୋଗାଣ ସହାୟକ ସଂଘ ଆସନ୍ତା ୨୮ ତାରିଖରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଦାବିଗୁଡିକ ମଧ୍ୟରୁ ଯୋଗାଣ ସହାୟକର ଚାକିରି ସ୍ଥାୟି ଓ ମାସିକ ଦରମା ୨୫ ହାଜର ଟଙ୍କାକୁ ବୃଦ୍ଧି, ପିଡିଏସ ଲାଇସେନ୍ସ ଦିଆଯିବା, କାର୍ଯ୍ୟରତ ଯୋଗାଣ ସହାୟକଙ୍କୁ ମୃତ୍ୟୁକାଳୀନ ସହାୟତା ପ୍ରଦାନ ଓ ପରିବାରର ଜଣେ ସଦସ୍ୟଙ୍କୁ ଚାକିରି, ପଞ୍ଚାୟତିରାଜ ବିଭାଗ ବଦଳରେ ଯୋଗାଣ ବିଭାଗ ଅଧୀନରେ ଅନ୍ତର୍ଭୁକ୍ତ କରିବା ଓ ପଦବୀ ଆସିଷ୍ଟାଣ୍ଟ ସପ୍ଲାଏ ଇନିସପେକ୍ଟରରେ ନାମିତ କରାଯିବା, ମାସିକ ପିଡିଏସ ଆବଣ୍ଟନରେ ୨ ପ୍ରତିଶତକୁ ଭରଣା କରାଯିବା ଭଳି ଦାବି ରହିଛି। ଦାବିପତ୍ର ପ୍ରଦାନ ବେଳେ ବ୍ଲକ ସଭାପତି ନରେନ୍ଦ୍ର ବାଗ, ବ୍ଲକ ସମ୍ପାଦକ ମହେଶ୍ୱର ବିଭାର, ଜିଲା କୋଷାଧ୍ୟକ୍ଷ ମନୋଜ କୁମାର ଜଗତ, ଗଣେଶ ମେହେର, ଯଯାତି କେଶରୀ ବାରିକ, ଯତୀନ୍ଦ୍ର ବିଶି, ସୁବାଷ ତାଣ୍ଡି, ଗୌର ତାଣ୍ଡି, ଶୁକ୍ରୁ ଶବର, କେକି ମୋହନ ବୈଠାରୁ, ଚିନ୍ତାମଣି ବାଗ, ଟୁକୁ ପୋଡ଼, ଭୂଜାଙ୍ଗ ଭୂଷଣ ସେନାପତି, ପବିତ୍ର ପୁଞ୍ଜି, ଚୌବର୍ଗ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସାଧାରଣ ବୈଠକ

ନୂଆପଡ଼ା,୨୭।୮(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ପଞ୍ଚାୟତ କାର୍ଯ୍ୟାଳୟଠାରେ ରବିବାର ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ମହେନ୍ଦ୍ର ବନଛୋରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମସ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ ଉପସ୍ଥିତ ଥିଲେ। ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ୮ଦଫା ଦାବି ନେଇ ଦୀର୍ଘ ଦିନରୁ ସରକାରଠାରେ ଦାବି କରି ଆସୁଥିଲେ ମଧ୍ୟ ଏଯାଏଁ ପୂରଣ ହୋଇନାହିଁ। ଦାବି ସମୁହକୁ ସରକାରଙ୍କୁ ଅବଗତ କରାଇବା ପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ପିଅନମାନେ ଦିନରାତ୍ରି ସବୁବେଳେ ସରକାରଙ୍କ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ଅଣଦେଖା କରାଯାଉଛି। ଚାକିରି ନିୟମିତ କରିବା ସହ ସମାନ କାମକୁ ସମାନ ଦରମା, ରାଜ୍ୟ ବଜେଟରେ ପଞ୍ଚାୟତ କର୍ମଚାରୀଙ୍କ ପାଇଁ ବ୍ୟୟ ଅଟକଳ ପ୍ରସ୍ତୁତ, ପଞ୍ଚାୟତିରାଜ ପୋର୍ଟାଲରେ ଗ୍ରାମପଞ୍ଚାୟତ କର୍ମଚାରୀଙ୍କୁ ପଞ୍ଜୀକରଣ, ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ପଦୋନ୍ନତି, ଶ୍ରମ ବିଭାଗ ଦ୍ୱାରା କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ ସର୍ବନିମ୍ନ ମଜୁରି ୩୪୫ ଟଙ୍କା ପ୍ରଦାନ, ଚାକିରି କ୍ଷେତ୍ରରେ ସୁରକ୍ଷା ବ୍ୟବସ୍ଥା କରାଯିବା ପାଇଁ ଦାବି ଉପସ୍ଥାପନ କରିଛନ୍ତି। ସଂଘ ସମ୍ପାଦକ ଦିଲୀପ ଶବରଦ, ରଘୁନାଥ ଶବର, ଖାମସିଂ ଜାଲ, ପୁରନ୍ଦର ପ୍ରଧାନ, ନବୀନ ତାଣ୍ଡି, ଚନ୍ଦ୍ରମଣି ଜାଲ, ଖଗେଶ୍ୱର ମାଝି, ସୀମାଞ୍ଚଳ ବେମାଲ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଆଲୋଚନା କରାଯାଉଛି।

## ବିଶ୍ୱ ସ୍ପୋର୍ଟ୍ସ ଦିବସରେ ସାଇକେଲ ରାଲି


ସାଇକେଲ ରାଲି କରି ସଚେତନତା କରାଯାଉଛି।

କୋକସରା,୨୭।୮(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

ବିଶ୍ୱ ସ୍ପୋର୍ଟ୍ସ ଦିବସରେ ଅଖିଳ ଭାରତୀୟ ମାରୱାଡ଼ି ଯୁବାମଞ୍ଚର ଆହାନକ୍ରମେ କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ବିଶ୍ୱ ପରିବେଶ ସୁରକ୍ଷା ସଚେତନତା ନେଇ ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଲଡୁଗାଁ ସହରରୁ ଆରମ୍ଭ ହୋଇ ମହାଜନଗୁଡା ଛକ ପର୍ଯ୍ୟନ୍ତ ପରିକ୍ରମା କରି ସ୍ପୋର୍ଟ୍ସ ଡେ'ରେ ଲୋକଙ୍କୁ ସଚେତନତା ସୃଷ୍ଟି କରିଛନ୍ତି। କାର୍ଯ୍ୟକ୍ରମରେ ମାରୱାଡ଼ି ଯୁବାମଞ୍ଚ ସଭାପତି ପଙ୍କଜ ଅଗ୍ରୱାଲ, ସମ୍ପାଦକ ରୋନକ ଅଗ୍ରୱାଲ, କୋଷାଧ୍ୟକ୍ଷ ଡମ୍ବରୁ ଅଗ୍ରୱାଲ, ଶ୍ରୀକାନ୍ତ ଶର୍ମା, କମଳ ଅଗ୍ରୱାଲ, ବିକାଶ ଅଗ୍ରୱାଲ, ନାନକ ଅଗ୍ରୱାଲ, ବିବେକ ତାୟଲ, ମଦନ ଅଗ୍ରୱାଲ, ଗଣେଶ ଅଗ୍ରୱାଲ, ପୀୟୂଷ ଅଗ୍ରୱାଲ, ବିକି ଅଗ୍ରୱାଲ ଓ ଯୁବାମଞ୍ଚର ଅନେକ କର୍ମକର୍ତ୍ତା ସାଇକେଲ ରାଲିରେ ଅଂଶଗ୍ରହଣ କରିଥିଲେ।

# ଗ୍ରାମ୍ୟ ନିର୍ମାଣ ବିଭାଜନରେ ଟେଣ୍ଡର ଫିକ୍ସିଂ ପାଇଁ ଯୋଜନା

ନୂଆପଡ଼ା,୨୭।୮(ମକାରୁ ବେମାଲ)

ନୂଆପଡା ଭଳି ଉପାନ୍ତ ଓ ଅବହେଳିତ ଜିଲାରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହାର ସ୍ୱଚ୍ଛତା ଆଣିବା ପାଇଁ ଟେଣ୍ଡର ପ୍ରକ୍ରିୟା କରାଯାଇଛି। ହେଲେ କିଛି ଅଧିକାରୀ ଏବଂ କଥାକଥିତ ଠିକାଦାରମାନେ ଯୋଜନାର ସିଂହ ଭାଗକୁ ହାତେଇବାକୁ ଯୋଜନା କରୁଥିବା ଚର୍ଚ୍ଚାର ବିଷୟ ହୋଇଛି। ଜିଲା ଗ୍ରାମ୍ୟ ନିର୍ମାଣ ବିଭାଜନ (ଆରଡି) ବିଭାଗର କିଛି ଅଧିକାରୀ ଓ ଜିଲାର କିଛି ଠିକାଦାରମାନଙ୍କ ମଧ୍ୟରେ ସଲାସୁତୁରା କରି ଟେଣ୍ଡର ଫିକ୍ସିଂ କରାଯାଉଥିବା ଭଳି ଅଭିଯୋଗ ସାମନାକୁ ଆସୁଛି। ସୂଚନା ମୁତାବକ ଗତ ୫ ତାରିଖରେ ପତ୍ର ସଂଖ୍ୟା ୧୩୩୭ ଅନୁଯାୟୀ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଗ୍ରାମ୍ୟ ନିର୍ମାଣ ବିଭାଜନ ଭବାନୀପାଟଣାଙ୍କ ଦ୍ୱାରା ଅନଲାଇନ ମାଧ୍ୟମରେ ଏକ ଟେଣ୍ଡର ଆହ୍ୱାନ କରାଯାଇଥିଲା। ୧୬ଟି କାମ ପାଇଁ ସର୍ବମୋଟ ୩୦ କୋଟି ୯୫ ଲକ୍ଷ ୫୨ ହଜାର ଟଙ୍କା ଚିଠିରେ ଉଲ୍ଲେଖ ରହିଥିବା ବେଳେ ୨୦୨୩ ଅଗଷ୍ଟ ୩୧ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଟେଣ୍ଡର ଦାଖଲ କରିବା ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ଏଥିରେ ସିଆଲଟି–କରଙ୍ଗାଭଟା–ଧରମପୁର ପର୍ଯ୍ୟନ୍ତ ରାସ୍ତା ପାଇଁ ୨ କୋଟି ୪ ଲକ୍ଷ ୫୨ ହଜାର ଟଙ୍କା ମଞ୍ଜୁର ହୋଇଛି। ଏହିଭଳି ପିଡବ୍ଲୁଡି ରାସ୍ତାରୁ କରଙ୍ଗାଭଟା ରାସ୍ତା ବାବଦକୁ ୧ କୋଟି ୪୨ ଲକ୍ଷ ୫୧ ହଜାର ଟଙ୍କା, କାଳାଭେରାରୁ ହଂସପୁରିକୁ ୨ କୋଟି ୧ ଲକ୍ଷ ୬୭ ହଜାର ଟଙ୍କା,ପିଏମଜିଏସୱାଇ ରାସ୍ତା ରୁ ପଣ୍ଡରିପାଣି ରାସ୍ତା ପାଇଁ ୨ କୋଟି ୧୫ ଲକ୍ଷ ୨୧ ହଜାର ଟଙ୍କା, ସାହାଜଟରୁ ଗଡଗଡବାହାଲିକୁ ୨ କୋଟି ୪ ଲକ୍ଷ ୫୪ ହଜାର ଟଙ୍କା, ବିଜୁ ଏକ୍ସପ୍ରେସ ରାସ୍ତାରୁ ସିଲେଟପାଣି ରାସ୍ତା ପାଇଁ ୧ କୋଟି ୩୫ ଲକ୍ଷ ୧୭ ହଜାର ଟଙ୍କା, ସାହାଜଟ ରାସ୍ତାରୁ ବାଲିପାଟିକୁ ୨ କୋଟି ୧୫ ଲକ୍ଷ ୪୯ ହଜାର ଟଙ୍କା, ପିଡବ୍ଲୁଡିରୁ ସରଧାପୁର ରାସ୍ତା ପାଇଁ ୧ କୋଟି ୨୧ ଲକ୍ଷ ୪ ହଜାର ଟଙ୍କା ମଞ୍ଜୁର ହୋଇଛି। କାଣ୍ଡେତରାରୁ ମାଳପଡା ରାସ୍ତା ପାଇଁ ୧୯ ଲକ୍ଷ ୪୪ ହଜାର ଟଙ୍କା, ଡୁମେରପାଣିଠାରୁ ବେଲରଦନା ବିଜୁ ଏକ୍ସପ୍ରେସକୁ ରାସ୍ତା ବାବଦକୁ ୧ କୋଟି ୮୯ ଲକ୍ଷ ୯୭ ହଜାର ଟଙ୍କା, ଜାତୀୟ ରାଜପଥ ୩୫୩ରୁ ପଲସିପାଣିକୁ ୨ କୋଟି ୨୧ ଲକ୍ଷ ୨୮ ହଜାର ଟଙ୍କା, ଜାତୀୟ ରାଜପଥ ୩୫୩ରୁ ଏୟାରପୋର୍ଟ ଛକ ପାଇଁ ୧ କୋଟି ୪ ଲକ୍ଷ ୩୮ ହଜାର ଟଙ୍କା, ବାରାକୋଟିରୁ ରାମପୁରକୁ ୧ କୋଟି ୪୯ ଲକ୍ଷ ୨୨ ହଜାର, ରେଙ୍ଗାବାହାଲରୁ ଟେଙ୍ଗନାପଡା ଦେଇ ବିଜୁ ଏକ୍ସପ୍ରେସ ରାସ୍ତକୁ ୧ କୋଟି ୮୯ ଲକ୍ଷ ୫୧ ହଜାର ଟଙ୍କା, ଜାତୀୟ ରାଜପଥ ୩୫୩ରୁ ଗନିଆରି ପର୍ଯ୍ୟନ୍ତ ୧ କୋଟି ୩୯ ଲକ୍ଷ ୪୫ ହଜାର ଟଙ୍କା, ସୁନାବେଡାର ରୁପିଆମରୁ ହଲୁଆପାଲିକୁ ୪ କୋଟି ଟଙ୍କା ରାସ୍ତା ମଞ୍ଜୁରି ହୋଇଆସିଛି। ହେଲେ ଏହାର ଅବ୍ୟବହିତ ପୂର୍ବରୁ କିଛି ଅସାମାଜିକ ବ୍ୟକ୍ତି ଲୋକଙ୍କ ଆଖିରେ ଧୂଳି ଦେଇ ରାତାରାତି ଟେଣ୍ଡର ଫିକ୍ସିଂ କରିବାର ଷଡଯନ୍ତ୍ର ରଚୁଥିବା ଶୁଣିବାକୁ ମିଳିଛି। ଉକ୍ତ ବିଭାଗ ଅଧିକାରୀମାନେ ନିର୍ଦ୍ଦିଷ୍ଟ କିଛି ଠିକାଦାରମାନଙ୍କୁ ଫାଇଦା ପହଞ୍ଚାଇବା ଓ ପ୍ରତ୍ୟେକ ଏଷ୍ଟିମେଟର ୧୦ ପ୍ରତିଶତ ଆଗତୁରା ନେଇ ଟେଣ୍ଡର ବିଲ କରିବାକୁ ଯୋଜନା ଚାଲିଥିବା ଚର୍ଚ୍ଚା ହେଉଛି। ଏହାକୁ ନେଇ ସମ୍ପୃକ୍ତ ଠିକାଦାରମାନଙ୍କ ଗୋଟିଏ ଦୁଇ ଟା ବୈଠକ ମଧ୍ୟ ବସିଥିବା ଆଲୋଚନା ହେଉଛି। ଏହା ଯୋଗୁ କେତେକ ଦକ୍ଷ ଠିକାଦାର ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବାକୁ ଭୟ କରୁଥିବା ପ୍ରକାଶ କରୁଛନ୍ତି। ଏହା ଉପରେ ଜିଲା ପୋଲିସ ନଜର ରଖିବାକୁ ଦାବି କରିଛନ୍ତି। ଏପରି କି ନିର୍ମାଣ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ମଧ୍ୟ ତିକ୍ଷ୍ଣ ନଜର ରଖିବାକୁ ଦାବି ହେଉଛି।

## ଘନଘନ ବିଦ୍ୟୁତ୍ କାଟ, ଲୋକେ ହନ୍ତସନ୍ତ

ବାଉଁଶୁଣୀ,(ଦେବାଶିଷ ନେପାକ): ବୌଦ୍ଧ ବ୍ଲକ ବାଉଁଶୁଣୀ ଅଞ୍ଚଳରେ ବିଦ୍ୟୁତ୍ ବିଭାଗର ମନୋମୁଖୀ ଓ ଖାମଖିଆଲି ନୀତିରେ ଅତିଷ୍ଠ ହୋଇ ପଡିଛନ୍ତି ଉପଭୋକ୍ତା। ଦିନକୁ ୧୦ ରୁ ୧୫ ଥର ବିଦ୍ୟୁତ୍ କାଟ୍ ହେଉଛି। ବାଉଁଶୁଣୀ କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗ କଲେ ଉପରୁ ଯାଇଛି କହି ଫୋନ କାଟି ଦେଉଥିବା ଅଭିଯୋଗ ହେଉଛି। ବିନା ସୂଚନାରେ ରବିବାର ସକାଳ ୫ଟାରୁ ସରବାରହ ବନ୍ଦ ରହିଥିଲା। ରାତିରେ ବିଦ୍ୟୁତ୍ କାଟ୍ ସମୟରେ ମଶା କାମୁଡାରେ ଲୋକ ଅତିଷ୍ଠ ହୋଇ ପଡୁଛନ୍ତି। ବିଦ୍ୟୁତ୍ କାଟ ଯୋଗୁଁ ଅନେକ ଜରୁରୀ କାର୍ଯ୍ୟ ହୋଇପାରୁନାହିଁ।

### ସଂକ୍ଷେପରେ

## ଗଞ୍ଜେଇ ସହ ଗାଡ଼ି ଜବତ, ଜଣେ ଗିରଫ

ଘଣ୍ଟାପଡ଼ା,୨୭।୮(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା ମନମୁଣ୍ଡା ପୋଲିସ ବିଛଣାପାଟିରେଲୱେ କ୍ରସିଂ ନିକଟରେ ଏକ କାର (ନଂ ଓଡ଼ି୦୨ ବି ୧୧୦୭)ଉପରେ ଚଢ଼ାଉ କରିଥିଲା। କାରୁ ୩୬କେଜି ଗଞ୍ଜେଇ ଜବତ ହୋଇଛି। ଗଞ୍ଜେଇ ଚାଲାଣ ଅଭିଯୋଗରେ ପୁରୁଣାକଟକ ଥାନା ରତନପୁରର ଶୁକଦେବ ପ୍ରଧାନଙ୍କୁ ଗିରଫ କରାଯାଇଛି। ମନମୁଣ୍ଡା ଥାନାରେ ଏକ ମାମଲା (୧୯୫/୨୩)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଆଶିନୀ ଭିତିରିଆ ସୂଚନା ଦେଇଛନ୍ତି।

## ଗୋ ପରିଚାଳନା ତାଲିମ ଶିବିର

ଘଣ୍ଟାପଡ଼ା, ୨୭।୮(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ବିଳାସପୁରଠାରେ ଗୋ ପରିଚାଳନା ତାଲିମ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ବିଳାସପୁର ଦୁଗ୍ଧ ଉତ୍ପାଦକ ସମବାୟ ସମିତି ଓ ବୌଦ୍ଧ ଜିଲା ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଆନୁକୂଲ୍ୟରେ ଅନୁଷ୍ଠିତ ତାଲିମ ଶିବିରରେ ସମ୍ବଲପୁରର ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ଉପାଦକ ସଂଘଙ୍କ ସଭାପତି ଅର୍ଜୁନ ସାହୁ, ବୌଦ୍ଧ ନୋଡାଲ ଅଫିସର ସହଦେବ ଶତପଥୀ, ଭାରପ୍ରାପ୍ତ ଅଧିକାରୀ ସୋନପୁର ପ୍ରମୁଖ ସାମିଲ ହୋଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଶିବିରରେ ଗୋଚାଷୀମାନଙ୍କୁ କଣ୍ଟାମାଳର ପଶୁ ଚିକିତ୍ସାଧିକାରୀ ଉଦେଶ କୁମାର ବେହେରା ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଏକ ଗୋବନ୍ଧ୍ୟା ନିରାକରଣ ଶିବିରର ଆୟୋଜନ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ସମିତି ସମ୍ପାଦକ ସୁପ୍ରମ୍ଭ କୁମାର ପ୍ରଧାନ ଓ ସମିତି ସଭାପତି ସାନୁଜ ମେଣ୍ଡିଲି ପରିଚାଳନାରେ ସହଯୋଗ କରିଥିଲେ। ୫୦ ଜଣ ଦୁଗ୍ଧ ଚାଷୀଙ୍କୁ ତାଲିମ ଦିଆଯାଇଥିଲା।

## ଗଣଶିକ୍ଷକ ଏକ୍ସକ୍ୟାଡର ଶିକ୍ଷକ ସଂଘ ବୈଠକ

ବଘିଆପଡା, ୨୭।୮(ଶ୍ରୀକାନ୍ତ ସାହୁ)

ବୌଦ୍ଧ ବ୍ଲକ ବଘିଆପଡା ଖଲିଆପାଲି ବାବା ଗୁପ୍ତେଶ୍ୱର ଶିବ ମନ୍ଦିରରେ ରବିବାର ଏକ୍ସ କ୍ୟାଡର ଶିକ୍ଷକ ସଂଘର କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଂଘ ସଭାପତି ସୁଶାନ୍ତ ଅମାତଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କିପରି ଏନପିଏସ କଟାଯିବ, ଡିଏ ଏରିଅର ଓ ପ୍ରତ୍ୟେକ ମାସର ଦରମା କିପରି ଠିକ୍ ସମୟରେ ମିଳି ପାରିବ ସେ ନେଇ ଆଲୋଚନା ହୋଇଥିଲା । ଏହା ସହ ସଙ୍ଗଠନକୁ ସୁଦୃଢ କରିବାକୁ ପ୍ରତ୍ୟେକ ତିନି ମାସରେ ବୈଠକ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସମ୍ପାଦକ ସୁଧିର ପଟନାୟକ, ଉପସଭାପତି ସୁରେନ୍ଦ୍ର ନାଏକ, କୋଷାଧକ୍ଷ୍ୟ ଲକ୍ଷ୍ମୀନ୍ଦ୍ର ଥପା, ଜିଲା ସହ ସମ୍ପାଦକ ଜୟରାମ ମେହେର, ଉପଦେଷ୍ଟା ଯୋଗେଶ ମିଶ୍ର, ପ୍ରଶାନ୍ତ ସିଂ, ଜିତେନ୍ଦ୍ର ପ୍ରଧାନ, ସୁବାସ ପ୍ରଧାନ, ସୁଜିତ ସିଂ, ଭୀମସେନ ଦୀପ, ନିରଞ୍ଜନ ମହାକୁଡ, ସୁରଜିତ ପ୍ରଧାନ, ସତ୍ୟନାରାୟଣ ରାଜହଂସ, ସତ୍ୟାନନ୍ଦ ଦନାୟକଙ୍କ ବହୁ ସଂଖ୍ୟାରେ ଶିକ୍ଷକମାନେ ସାମିଲ ଥିଲେ ।

## ଚାକିରି ସ୍ଥାୟୀ ଦାବି କଲେ ଚତୁର୍ଥ ଶ୍ରେଣୀ କର୍ମଚାରୀ

ବାଉଁଶୁଣୀ, ୨୭।୮(ଦେବାଶିଷ ନେପାକ)

ଗ୍ରାମ ପଞ୍ଚାୟତରେ କାର୍ଯ୍ୟ କରୁଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ସେମାନଙ୍କ ଚାକିରି ସ୍ଥାୟୀ କରିବାକୁ ଦାବି କରିଛନ୍ତି। ରବିବାର ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତ କାର୍ଯ୍ୟାଳୟରେ ସଂଘ ସଭାପତି ଦୟାନିଧି ଜାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଚାକିରି ସ୍ଥାୟୀ ସହ ସମାନ କାମକୁ ସମାନ ଦରମା, ନିୟମିତ ଦରମା ପ୍ରଦାନ, ରାଜ୍ୟ ବଜେଟରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବଜେଟ, ସର୍ବନିମ୍ନ ମଜୁରି ୩୪୫ ଟଙ୍କା, ଚାକିରି କ୍ଷେତ୍ରରେ ସୁରକ୍ଷା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଦାବି ପୂରଣ ନହେଲେ ଆସନ୍ତା ନିର୍ବାଚନରେ ଭୋଟ ବର୍ଜନ କରିବାକୁ ସଂଘ ଚେତାବନୀ ଦେଇଛି। ଦିଲିପ କୁମାର ଖେତୀ, ଅକ୍ଷୟଚନ୍ଦନ ଦାସ, ରଘୁ ନନ୍ଦନ ଭୁକ୍ତ, କେଶବ ଖମାରୀ, ଦୁତିଆ ନାଏକଙ୍କ ସମେତ ବହୁ କର୍ମଚାରୀ ଏହି ବୈଠକରେ ଉପସ୍ଥିତ ଥିଲେ।

# ଡ୍ରିମ୍‌ଗର୍ଲ ୨ ସିନେମାରେ ସୋନପୁରର ରାଜକିଶୋର

ସୋନପୁର,୨୭।୮(ମୃତ୍ୟୁଞ୍ଜୟ ଶତପଥୀ)

କଳା, ସଂସ୍କୃତିର ମାଟି ସୁବର୍ଣ୍ଣପୁରରେ ଆଉ ଜଣେ ଯୁବକ ଚଳଚ୍ଚିତ୍ର ଦୁନିଆରେ ନିଜର ପାଦ ଥାପି ସଫଳତା ପାଇଛନ୍ତି। ଚଳଚ୍ଚିତ୍ର ଦୁନିଆକୁ ଏହି ମାଟିର ସୁଯୋଗ୍ୟ ସନ୍ତାନ ସବ୍ୟସାଚୀ ମହାପାତ୍ର, ପଦ୍ମଶ୍ରୀ ନୀଳମାଧବ ପଣ୍ଡା ଓ ସୂର୍ଯ୍ୟ ଦେଓ ପ୍ରମୁଖଙ୍କ ଅବଦାନ ଅତୁଳନୀୟ। ଏବେ ସୋନପୁର ସହର ଗ୍ରୀଡ୍‌କୋ ଅଞ୍ଚଳର ଯୁବକ ରାଜକିଶୋର ହୋତା (୩୫) ହିନ୍ଦୀ ସିନେମାରେ କାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ଛାପ ଛାଡିଛନ୍ତି। ନିକଟରେ ରିଲିଜ୍ ହୋଇଥିବା ହିନ୍ଦୀ ସିନେମା ଡ୍ରିମ୍‌ଗର୍ଲ ୨ରେ ସେ ସହ ନିର୍ଦ୍ଦେଶକ ଅଛନ୍ତି। ଆୟୁଷ୍ମାନ ଖୁରାନାଙ୍କ ଅଭିନୀତ ଏହି କମେଡି ସିନେମାଟି ବକ୍ସ ଅଫିସରେ ମଧ୍ୟ ଭଲ ନାମ କମାଇଛି। ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିବା ରାଜକିଶୋର ସୋନପୁରରୁ ଭୁବନେଶ୍ୱରକୁ ପାଠ ପଢିବାକୁ ଆସିଥିଲେ। ଭୁବନେଶ୍ୱରରେ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ କରିବା ସମୟରେ ୨୦୦୮ରେ ସେ ଅଧାରୁ ପାଠ ଛାଡିଥିଲେ। ପରେ ଚଳଚ୍ଚିତ୍ର ଦୁନିଆରେ କାମ କରିବାକୁ ମାୟାନଗରୀ ମୁମ୍ବାଇକୁ ଚାଲି ଯାଇଥିଲେ। ସେଠାରେ ତାଙ୍କୁ ଅନେକ ସଂଘର୍ଷ କରିବାକୁ ପଡିଥିଲା। ପ୍ରଥମେ କିଛି ହିନ୍ଦୀ ସିରିଏଲରେ କାମ କରିଥିଲେ। ନୀଳମାଧବ ପଣ୍ଡାଙ୍କ ଆଇ ଏମ୍ କାଲାମରେ ରାଜକିଶୋର ସହ ନିର୍ଦ୍ଦେଶକ ଭାବେ କାମ କରିବାକୁ ସୁଯୋଗ ପାଇଥିଲେ। ୨୦୨୧ରେ ଓଡ଼ିଶାର ୪୦୦ ଅନୁସୂଚିତ ଜନଜାତି ବର୍ଗର ବାଳିକାଙ୍କୁ ନେଇ ଦି ମାଉଣ୍ଟେନ ହକି ନାମକ ଏକ ଡକ୍ୟୁମେଣ୍ଟାରି ଫିଲ୍ମ କରିଥିଲେ। ୨୦୧୯ରୁ ଡ୍ରିମ୍ ଗାର୍ଲ ୨ ଶୁଟିଂ ଆରମ୍ଭ ହୋଇଥିଲା। ତେବେ କୋଭିଡ୍ ପାଇଁ ଶୁଟିଂ ବନ୍ଦ ରହିବା ସହ ରିଲିଜ୍ ହେବାକୁ ବିଳମ୍ବ ହେଲା। ଶୁଟିଂ ସେଟ୍‌ରେ ବଡ ଅଭିନେତ୍ରୀ ଓ ଅଭିନେତାଙ୍କ ସହିତ କାମ କରିବାକୁ ସୁଯୋଗ ମିଳିଲା। ଶୁଟିଂ ସମୟରେ ଭଲ ଅନୁଭୂତି ମିଳିବା ସହ ଅନେକ କିଛି ଶିକ୍ଷା ମିଳିଛି। ଆଗକୁ ଆହୁରି ବଡ ବଜେଟର ସିନେମା ଓ ସିରିଏଲ ପାଇଁ ଅଫର ରହିଛି ବୋଲି ରାଜକିଶୋର କହିଛନ୍ତି । ବାପା ଦଶରଥ ହୋତା ସ୍ପିନିଂ ମିଲ୍‌ରେ କାମ କରୁଥିଲେ। ସ୍ପିନିଂ ମିଲ୍ ବନ୍ଦ ହୋଇଯିବା ପରେ ବାପାଙ୍କୁ ପରିବାର ଚଳାଇବା, ଗୋଟିଏ ଝିଅ ଓ ୨ ପୁଅଙ୍କୁ ପାଠ ପଢାଇ ମଣିଷ କରିବା କଷ୍ଟକର ହୋଇଥିଲା। ଏହି ସଂଘର୍ଷ ସେ ପିଲାବେଳୁ ଦେଖିଛନ୍ତି। ତେଣୁ ଧୈର୍ଯ୍ୟହରା ନ ହୋଇ ପ୍ରାରମ୍ଭିକ ସମୟରେ ତାଙ୍କୁ ମୁମ୍ବାଇରେ ସଂଘର୍ଷ କରିବାକୁ ପଡିଥିଲା। ନିଜର ନିଷ୍ଠା ଓ ଅଧ୍ୟବସାୟ ପାଇଁ ରାଜକିଶୋରଙ୍କୁ ଏବେ ସଫଳତା ମିଳିବାରେ ଲାଗିଛି। ସେ ଏବେ ଗୋଆରେ ଚଳଚ୍ଚିତ୍ର ଶୁଟିଂ କାମରେ ବ୍ୟସ୍ତ ଅଛନ୍ତି।



ଅଭିନେତା ଆୟୁଷ୍ମାନ ଖୁରାନାଙ୍କ ସହିତ ରାଜକିଶୋର।



ଶୁଟିଂ ସେଟ୍‌ରେ ରାଜକିଶୋର।

■ସହ ନିର୍ଦ୍ଦେଶକ ଭାବେ ସିନେମାରେ କାମ କରିଛନ୍ତି

■ଆଇ ଏମ୍ କାଲାମ, ଦି ମାଉଣ୍ଟେନ ହକି ଓ ଏକାଧିକ ହିନ୍ଦୀ ସିରିଏଲରେ କାମ କରିଥିଲେ

# ବୌଦ୍ଧକୁ ହରାଇ ବରଗଡ଼ ରୟାଲ ଚାମ୍ପିୟନ

ଅମରପାଲି,୨୭।୮(ପୀତାମ୍ବର ସାହୁ)

### ପ୍ରଥମ କୋସଲ କପ୍ ଫୁଟବଲ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ପ୍ରଥମ କୋସଲ କପ୍ ଫୁଟବଲ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ବୌଦ୍ଧକୁ ହରାଇ ବରଗଡ ରୟାଲ ଚାମ୍ପିୟନ ହୋଇଛି । ରବିବାର ପୁଲ- ବି ର ପ୍ରଥମ ମ୍ୟାଚ ଆଇ.ଆର.ବି ବୌଦ୍ଧ ଓ ବଲାଙ୍ଗୀର ସମଲେଶରୀ ମଧ୍ୟରେ ହୋଇଥିଲା। ଏଥିରେ ଆଇ.ଆର.ବି ବୌଦ୍ଧ ଦଳ ବଲାଙ୍ଗୀର ସମଲେଶରୀକୁ ୧-୦ ଗୋଲରେ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚ ବରଗଡ ରୟାଲ ଓ ସମ୍ବଲପୁର ବୀର ବଜରଙ୍ଗ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଦଳ କାହାକୁ ଗୋଲ ଦେଇ ପାରି ନ ଥିବାରୁ ମ୍ୟାଚ ଅମୀମାଂସିତ ରହିଥିଲା। ଫଳରେ ଟ୍ରାଇବ୍ରେକର ଜରିଆରେ ୪-୧ ଗୋଲରେ ବରଗଡ ରୟାଲ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ମ୍ୟାଚର ବିଜେତା ଆଇ.ଆର.ବି ବୌଦ୍ଧ ଓ ଦ୍ୱିତୀୟ ମ୍ୟାଚର ବିଜେତା ବରଗଡ ରୟାଲ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଖେଳା ଯାଇଥିଲା।ଏଥିରେ ବରଗଡ ରୟାଲ ଦଳ ୨-୦ ଗୋଲରେ ଆଇ.ଆର.ବି ବୌଦ୍ଧକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚ ବରଗଡ ରୟାଲ ଓ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ ରୟାଲ ଦଳ ବୌଦ୍ଧକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ମ୍ୟାଚଗୁଡିକର ପ୍ରାରମ୍ଭରେ ଖବରଦାତା ସତ୍ୟବାନ ପୁରୋହିତ, ନିଳକମଳ ମିଶ୍ର, ରାଧାକାନ୍ତ ବାଘ ଓ ସନତ ହୋତା ଅତିଥି ଭାବରେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ସଭାପତି କିଶୋର ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଏବଂ କୋଶଳ ଆନ୍ଦୋଳନ ଆବାହକ ପ୍ରମୋଦ ମିଶ୍ର, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ, ଅକ୍ଷୟ ସରାଫ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳ କୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବତନ ଫୁଟବଲ ଖେଳାଳି ଭୂଷଣ କୁମାର ପାତ୍ର ଓ ଅର୍ଜୁନ ହୋତାଙ୍କୁ ସମ୍ମାନିତ କରାଯାଇଥିଲା। ଟୁର୍ନାମେଣ୍ଟରେ ଶ୍ରେଷ୍ଠ ଗୋଲ କିପର ଭାବେ ପ୍ରକାଶ ପଢନ, ଶ୍ରେଷ୍ଠ କ୍ଷେତ୍ର ରକ୍ଷକ ଭାବେ ରାହୁଲ ଓ ବୌଦ୍ଧ ଟିମର ବିକାଶ ଧାରୁଆଙ୍କୁ ଶ୍ରେଷ୍ଠ ଖେଳାଳି ଭାବରେ ପୁରସ୍କୃତ କରାଯାଇଥିଲା। ମ୍ୟାଚଗୁଡିକରେ ଟିଙ୍କୁ ବାଡପଣ୍ଡା, ସିଦ୍ଧାର୍ଥ ପାତ୍ର, ପ୍ରଶାନ୍ତ ସେଠୀ, ରାଜେଶ ଥନାପତି ଓ ଅଜିତ ନାୟକ ପ୍ରମୁଖ ରେଫରି ଭାବେ ଖେଳ ପରିଚଳନା କରିଥିଲେ। ଅଭିମନ୍ୟୁ ବର୍ଗଡିମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଇଂ. ଆଶ୍ରୟ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳି।

# ବିଭିନ୍ନ ସମସ୍ୟା ନେଇ ଆଲୋଚନା



ଡୁଙ୍ଗୁରିପାଲି ଗସ୍ତ ଅବସରରେ ଜିଲାପାଳ ଲୋକଙ୍କ ସମସ୍ୟା ନେଇ ଆଲୋଚନା କରୁଛନ୍ତି।

ଡୁଙ୍ଗୁରିପାଲି,୨୭।୮(ଦୀନବନ୍ଧୁ ସୁନା)

### ଜିଲାପାଳଙ୍କ ଡୁଙ୍ଗୁରିପାଲି ଗସ୍ତ

ଶନିବାର ଜିଲାପାଳ ବିମଳେନ୍ଦୁ ରାୟ ଡୁଙ୍ଗୁରିପାଲି ବ୍ଲକ ଗସ୍ତ କରିଥିଲେ । ଏହି ଅବସରରେ ସେ ବ୍ଲକ ସଭାଗୃହରେ ଅନୁଷ୍ଠିତ ବୈଠକରେ ସଚେତନ ନାଗରିକଙ୍କ ସହ ଡୁଙ୍ଗୁରିପାଲିର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଜିଲାପାଳ ରାୟ ପ୍ରଥମେ ଫଟାମୁଣ୍ଡାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ପରେ ଡୁଙ୍ଗୁରିପାଲି ବସଷ୍ଟାଣ୍ଡରେ ବଲାଙ୍ଗୀର ଏନଏଚ ବିଭାଗ ପକ୍ଷରୁ ଚାଲିଥିବା ଡ୍ରେନ ନିର୍ମାଣ କାମ ଯଥାଶୀଘ୍ର ଶେଷ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୩ ମାସରୁ ଉର୍ଦ୍ଧ୍ୱ ହେବ ଡ୍ରେନ କାମ ଚାଲିଥିଲେ ହେଁ ଏହା ସମ୍ପୂର୍ଣ ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ । ପ୍ରସୂତି ଓ ଶିଶୁ ଯତ୍ନ ଡାକ୍ତରଖାନା ପରିଦର୍ଶନରେ ଯାଇ ଡାକ୍ତରଖାନାର ଉନ୍ନୟନ କାର୍ଯ୍ୟ ତଦାରଖ କରିଥିଲେ । ଡୁଙ୍ଗୁରିପାଲି ସହରରେ ଗତ ୫ ମାସ ତଳେ ଜବରଦଖଲ ଉଚ୍ଛେଦ ହୋଇଥିବା ଉଠା ଦୋକାନୀଙ୍କ ଥଇଥାନ ପାଇଁ ଜିଲାପାଳ ବ୍ଲକ ପ୍ରଶାସନ ସହ ଆଲୋଚନା କରିଥିଲେ । ରାଜସ୍ୱ ବିଭାଗ କାର୍ଯ୍ୟାଳୟ ତଥା ପୁରୁଣା ଡାକବଙ୍ଗଳା ନିକଟରେ ଥିବା ଜାଗାରେ ମାର୍କେଟ କମ୍ପ୍ଲେକ୍ସ ଏବଂ ରାମପୁରରୋଡ଼ ନିକଟରେ ଥିବା ସରକାରୀ ଜାଗାରେ କଲ୍ୟାଣ ମଣ୍ଡପ ଓ ବସଷ୍ଟାଣ୍ଡ ନିର୍ମାଣ ପାଇଁ ସଚେତନ ନାଗରିକ, ଜନସାଧାରଣ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ଜାତୀୟ ରାଜପଥ ସହଲା କେନାଲ ଛକରୁ ବ୍ଲକକୁ ଯାଇଥିବା ମୁଖ୍ୟରାସ୍ତାରୁ ଜବରଦଖଲ ହଟାଇବା, ଆରସିଏମସର ପଟ୍ଟା ପ୍ରଦାନରେ ଅବହେଳା, ପ୍ୟାକ୍ସକୁ ଜମି ହସ୍ତାନ୍ତରୀକରଣ, ଏଫସିଆଇ ରାସ୍ତାରେ ହେଉଥିବା ଟ୍ରାଫିକ ସମସ୍ୟା ଦୂର ଲାଗି ତୁରନ୍ତ ପଦକ୍ଷେପ ନେବା ଉପରେ ଜିଲାପାଳଙ୍କ ସହ ଆଲୋଚନା ହୋଇଥିଲା। ଜିଲାପାଳଙ୍କ ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାସ, ବିଡ଼ିଓ ତ୍ରିପୁର ମହାନନ୍ଦ, ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା, ବ୍ଲକ ଉପାଧକ୍ଷ ମକରଧ୍ୱଜ ସାହୁ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଗୋପାଳ ବାରିକ, ଗଣମାଧ୍ୟମ ପ୍ରତିନିଧି, ଉଠା ଦୋକାନୀ, ଜନସାଧାରଣ ଉପସ୍ଥିତ ରହିଥିଲେ। ପ୍ରକାଶଥାଉ କି, ଗତ ୨୧ ତାରିଖ ଦିନ ବ୍ଲକରେ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କୁ ଡୁଙ୍ଗୁରିପାଲି ସଚେତନ ନାଗରିକଙ୍କ ପକ୍ଷରୁ ଏକ ୮ ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଥିଲା। ଏହାପରେ ଜିଲାପାଳ ଡୁଙ୍ଗୁରିପାଲି ଗସ୍ତରେ ଆସି ବିଭିନ୍ନ ସମସ୍ୟାର ସମାଧାନ ଲାଗି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

## ଆଇନ ସଚେତନତା ଶିବିର

### ଆଇନର ବିଭିନ୍ନ ଦିଗ ଉପରେ ସଚେତନତା

ଅମରପାଲି,୨୭।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତାଲୁକ ଆଇନସେବା କମିଟି ପକ୍ଷରୁ ରବିବାର ସୁବଳୟା କଲ୍ୟାଣମଣ୍ଡପଠାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନ ର ବିଭିନ୍ନ ଦିଗ ଉପରେ ସଚେତନତା କରାଯାଇଥିଲା। ଏଥିସହିତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରାଯାଇଥିଲା। କମିଟିର ଅଧକ୍ଷା ତଥା ବରିଷ୍ଠ ଦେୱାନୀ ବିଚାରପତି ସରୋଜିନୀ ସାହୁ ଏଥିରେ ଅଧକ୍ଷତା କରିଥିଲେ। ସ୍ଥାନୀୟ ଏସଡିଜେଏମ ରାଜେଶ୍ୱରୀ ପଟ୍ଟନାୟକ, ସୁବଳୟା ଥାନା ଅଧିକାରୀ ସୁଶାନ୍ତ କୁମାର ପଧାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ଧରୁଆ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଞ୍ଜୁଲତା ମିଶ୍ର, ବ୍ଲକ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଏସ. ମହାକୁର, ଡିପିସି ମଞ୍ଜୁଶ୍ରୀ ଭୂୟାଁ, ଓଡ଼ିଶା ଜୀବିକା ମିଶନର କର୍ମଚାରୀ ମନୋଜ ବାଘ ଏଥିରେ ବକ୍ତବ୍ୟ ରଖିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରମୋଦ ମହାପାତ୍ର, ବରିଷ୍ଠ ନାଗରିକ ସଂଘର ସଭାପତି ନାରାୟଣ ମିଶ୍ର, ହରିହର ସାହୁଙ୍କ ସମେତ ଶିବିରରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ଛାତ୍ରୀଛାତ୍ର ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଆଇନଜୀବୀ ସନ୍ତୋଷ ଚାନ୍ଦ ପରିଚାଳନା କରିଥିଲେ । ନନ୍ଦକିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ କ୍ରୀଡ଼ା ଦିବସରେ ସାଇକେଲ ରାଲି

ଡୁଙ୍ଗୁରିପାଲି,୨୭।୮(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିଠାରେ ରବିବାର ଜାତୀୟ କ୍ରିଡା ଦିବସ ଉପଲକ୍ଷେ ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ମହାବିଦ୍ୟାଳୟ ନିକଟରେ ଏସ୍‌ପି ଅମରେଶ ପଣ୍ଡା ସବୁଜ ପତାକା ଦେଖାଇ ସାଇକ୍ଲୋଥନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାରୱାଡି ଯୁବାମଞ୍ଚ ସଦସ୍ୟଙ୍କ ସହ ଡୁଙ୍ଗୁରିପାଲି ଶିଶୁ ମନ୍ଦିର, ଲିଟିଲ ଏଞ୍ଜେଲ ପବ୍ଲିକ ସ୍କୁଲ, ଡୁଙ୍ଗୁରିପାଲି ମହାବିଦ୍ୟାଳୟ, ଗଣମାଧମ ପ୍ରତିନିଧି, ଡୁଙ୍ଗୁରିପାଲି ପୋଲିସ କର୍ମଚାରୀ ସାମିଲ ହୋଇଥିଲେ। ଏହି ରାଲି ମହାବିଦ୍ୟାଳୟରୁ ଆରମ୍ଭ ହୋଇ ଡୁଙ୍ଗୁରିପାଲି ସହର ପରିକ୍ରମା କରି ୩ କିଲୋମିଟର ପର୍ଯ୍ୟନ୍ତ ରାଲି ଆରଏମସି ନିକଟରେ ପହଞ୍ଚିଲା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟସ୍ତରୀୟ ମାରୱାଡି ଯୁବାମଞ୍ଚ ଉପସଭାପତି ରାକେଶ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏସ୍‌ପି ଅମରେଶ ପଣ୍ଡା ମୁଖ୍ୟ ଅତିଥି, ଥାନା ଅଧିକାରୀ ସତ୍ୟନାରାୟଣ ପଧାନ, ଡୁଙ୍ଗୁରିପାଲି ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମିଳନ ସଭାପତି ନରେଶ ଅଗ୍ରୱାଲ, ଡୁଙ୍ଗୁରିପାଲି ମାରୱାଡି ଯୁବାମଞ୍ଚ ସଭାପତି ଅମିତ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଭାକୁ ସେଞ୍ଚୁରିଆନ ପବ୍ଲିକ ସ୍କୁଲର ଛାତ୍ରୀ ଦିଶା ପ୍ରିୟଦର୍ଶନୀ ପଧାନ ଓ ଅନୁଶା ଅଗ୍ରୱାଲ ପରିଚାଳନା କରିଥିଲେ। ସାଇକେଲ ଚାଳନାରେ ସମସ୍ତଙ୍କୁ ମୁଖ୍ୟ ଅତିଥି ଏସ୍‌ପି ପଣ୍ଡା ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଯୁବାମଞ୍ଚ ସମ୍ପାଦକ ପ୍ରଦୀପ ଅଗ୍ରୱାଲ ଓ ଟିମ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସାଇକ୍ଲୋଥନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

## ମାରୱାଡି ଯୁବାମଞ୍ଚ ପକ୍ଷରୁ ସାଇକ୍ଲୋଥନ କାର୍ଯ୍ୟକ୍ରମ



ସାଇକେଲ ଶୋଭଯାତ୍ରାର ଶୁଭାରମ୍ଭ କରୁଛନ୍ତି ଏସ୍‌ପି ରାଜ ପ୍ରସାଦ।

ବୌଦ୍ଧ, ୨୭।୮(ଅଜିତ କୁମାର ବାରିକ)

ଜାତୀୟ କ୍ରୀଡା ଦିବସ ଉପଲକ୍ଷେ ରବିବାର ବୌଦ୍ଧ ମାରୱାଡି ଯୁବାମଞ୍ଚ ପକ୍ଷରୁ ଏକ ସାଇକେଲ ମାରାଥନ ଅନୁଷ୍ଠିତ ହୋଇଛି। ସାଇକେଲ ଶୋଭାଯାତ୍ରା ସହରର ଅଗ୍ରୱାଲା ଭବନରୁ ବାହାରି ବଳାସିଙ୍ଗା ସ୍ଥିତ ଆଇଆରବିଠାରେ ଶେଷ ହୋଇଥିଲା। ବୌଦ୍ଧ ଜିଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ଅତିଥିଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ। ଶୋଭଯାତ୍ରାରେ ଶତାଧିକ ଛାତ୍ରୀଛାତ୍ର ଓ ଯୁବବର୍ଗ ସାମିଲ ହୋଇଥିଲେ। ଶେଷର ଆଇଆରବିଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ମାରୱାଡି ଯୁବାମଞ୍ଚ ସଭାପତି କୁଶ ଅଗ୍ରୱାଲା, ସମ୍ପାଦକ ଅନିଶ ଅଗ୍ରୱାଲା, ସଦସ୍ୟ ନଟବର ଅଗ୍ରୱାଲା, ମୋହିତ ଅଗ୍ରୱାଲା, ଶିବମ ଅଗ୍ରୱାଲା, କ୍ରିଶ ଅଗ୍ରୱାଲା ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଜ୍ଞାନପ୍ରକାଶ ପତ୍ରିକା ପକ୍ଷରୁ ମଧ୍ୟ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବୌଦ୍ଧ ସହରର ମର୍ଯ୍ୟାକୁଦ ବ୍ରିଜ ଛକଠାରେ ବୌଦ୍ଧ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ଅଧ୍ୟାପକ ପ୍ରବୀର ଦାସ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ସାଇକେଲ ଶୋଭାଯାତ୍ରା ନାଏକପଡା ଗୁମ୍ଫାଠାରେ ପହଞ୍ଚିଥିଲା। ଶୋଭଯାତ୍ରା ପହଞ୍ଚିବା ପରେ ଗୁମ୍ଫା ପରିସରରେ ଔଷଧିୟ ବୃକ୍ଷ ରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ଜ୍ଞାନ ପ୍ରକାଶ ସମ୍ପାଦକ ସରୋଜ କୁମାର ସାହୁ ଓ ସମସ୍ତ ପରିବାର ସଦସ୍ୟ ସହଯୋଗ କରିଥିଲେ।

# ୩୧ ଗ୍ରାମରେ ହେବ ସଭାଗୃହ

ଅମରପାଲି,୨୭।୮(ପୀତାମ୍ବର ସାହୁ)

### ବୀରମହାରାଜପୁର ବ୍ଲକ

■ଡବ୍ଲ୍ୟୁଓଡିସିରୁ ମୁଖ୍ୟମନ୍ତ୍ରୀ ସଭାଗୃହ ପାଇଁ ୧.୯୪କୋଟି ଟଙ୍କା ମଞ୍ଜୁର

ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ବ୍ଲକରେ ହେବ ମୁଖ୍ୟମନ୍ତ୍ରୀ ସଭାଗୃହ। ବ୍ଲକର ବିଭିନ୍ନ ପଞ୍ଚାୟତର ୩୧ଟି ଗ୍ରାମରେ ହେବ ଉକ୍ତ ସଭାଗୃହ। ଏନେଇ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ପ୍ରାୟ ୧କୋଟି ୯୪ ଲକ୍ଷ ୧୮ ହଜାର ୮୪୫ ଟଙ୍କା ମଞ୍ଜୁର ହୋଇଥିବା ଜଣାପଡିଛି। ପୂର୍ବରୁ ଏହି ସବୁ ସଭାଗୃହ ପଇଁ ୧ କୋଟି ୯ ଲକ୍ଷ ମଧ ଏହି ପାଣ୍ଠିରୁ ଦିଆଯାଇଥିଲା। ସମସ୍ତ ୩୧ ମୁଖ୍ୟମନ୍ତ୍ରୀ ସଭାଗୃହ ପାଇଁ ସମୁଦାୟ ୩ କୋଟି ୩ ଲକ୍ଷ ୧୮ ହଜାର ୮୪୫ ଟଙ୍କା ଖର୍ଚ୍ଚ ହେବ। ଏହାସହିତ ଏହି ସମସ୍ତ କାମ ୩୦ ନଭେମ୍ବର ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଜଟେସିଂହା ପଞ୍ଚାୟତର ଆନନ୍ଦପୁର ଗ୍ରାମରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ସଭାଗୃହ ପାଇଁ ୨ଲକ୍ଷ ୨୫ ହଜାର ୩୮୧ ଟଙ୍କା ମଞ୍ଜୁର ହୋଇଥିବା ବେଳେ ପୂର୍ବରୁ ୩ ଲକ୍ଷ ଟଙ୍କା ଦିଆଯାଇଥିଲା। ସମୁଦାୟ ୫ଲକ୍ଷ ୨୫ ହଜାର ୩୮୧ ଟଙ୍କାରେ ହେବ ଏଠାକାର ସଭାଗୃହ। ସେହିପରି ଉକ୍ତ ପଞ୍ଚାୟତର ବଡଖମାର ହରିଜନ ପଡା ପାଇଁ ୩ଲକ୍ଷ ୫ ହଜାର ଟଙ୍କା ମଞ୍ଜୁର ହୋଇଥିବା ବେଳେ ପୂର୍ବରୁ ୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଦୁର୍ଜନତୈଲା ପଞ୍ଚାୟତର ମସିଣାପାଲି ପାଇଁ ୨ଲକ୍ଷ ୯୩ ହଜାର ଟଙ୍କା, ଉକ୍ତ ପଞ୍ଚାୟତର ସାଗଯୋରୀ ପାଇଁ ୧ଲକ୍ଷ ୧ ହଜାର ୬୯୮ ଟଙ୍କା, ମାଳିଦାଦର ହରିହନ ସାହିକୁ ପୂର୍ବରୁ ୪ଲକ୍ଷ ଦିଆଯାଇଥିବା ବେଳେ ଏବେ ୧ଲକ୍ଷ ୩୬ହଜାର ଟଙ୍କା, ଗୋଘାଟ ଗ୍ରାମକୁ ପୂର୍ବରୁ ୩ ଲକ୍ଷ ଦିଆଯାଇଥିବା ବେଳେ ଏବେ୨ ଲକ୍ଷ ୧୮ ହଜାର ୫ଶହ ଟଙ୍କା ମଞ୍ଜୁର ହୋଇଛି। ବାଗବର ପଞ୍ଚାୟତର ବାଗବରକୁ ପୂର୍ବରୁ ୪ଲକ୍ଷ ଓ ଏବେ ୭ଲକ୍ଷ ୯୩ ହଜାର ୩୫ ଟଙ୍କା, ଦେଉଳି ଗ୍ରାମକୁ ପୂର୍ବରୁ ୩ ଲକ୍ଷ ଓ ଏବେ ୬ଲକ୍ଷ ୫୩ ହଜାର ୭୧୯ ଟଙ୍କା ମଞ୍ଜୁର ହୋଇଛି। ସେହିପରି ସଂଗ୍ରାମପୁର ପଞ୍ଚାୟତର ଯୁବରାଜପୁର ଗ୍ରାମକୁ ପୂର୍ବରୁ ୩ଲକ୍ଷ ଓ ଏବେ ୩ଲକ୍ଷ ୩୧ ହଜାର ୫୧୨ ଟଙ୍କା, ବହଳପଦର ପଞ୍ଚାୟତର ଗୌଡଗାଡ ମିର୍ଦ୍ଧାପଡା ରେ ପୂର୍ବରୁ ୫ଲକ୍ଷ ଓ ଏବେ ୨ଲକ୍ଷ ୩୧ହଜାର ଟଙ୍କା, ହିଲୁଙ୍ଗ ପଞ୍ଚାୟତର କର୍ଣ୍ଣପାଲି ଗ୍ରାମକୁ ପୂର୍ବରୁ ୩ଲକ୍ଷ ଓ ଏବେ ୫ଲକ୍ଷ ୪୫ ହଜାର ଟଙ୍କା, କେନଝିରିଆପାଲି ପଞ୍ଚାୟତର ପୁଲେଶ୍ୱର ହରିଜନ ପଡା ପାଇଁ ପୂର୍ବରୁ ୩ଲକ୍ଷ ଓ ଏବେ ୫ଲକ୍ଷ ୧୮ ହଜାର ଟଙ୍କା, ବାରଝୁଲା ଗ୍ରାମକୁ ପୂର୍ବରୁ ୪ଲକ୍ଷ ଓ ଏବେ ୭୬ ହଜାର ଟଙ୍କା ମଞ୍ଜୁର ହୋଇଛି। ଉଫୁଲା ପଞ୍ଚାୟତର ଟିଠିପାଲି ରାଧେଶ୍ୟାମ ମଠ ପାଖରେ ହେବାକୁ ଥିବା ସଭାଗୃହକୁ ପୂର୍ବରୁ ୩ଲକ୍ଷ ଓ ଏବେ ୪ଲକ୍ଷ ୬୫ହଜାର ଟଙ୍କା, କାନପୁର ହରିଜନ ପଡାକୁ ପୂର୍ବରୁ ୩ଲକ୍ଷ ଓ ଏବେ ୫ଲକ୍ଷ ୧୭ ହଜାର ଟଙ୍କା, କମଳପୁର ଗ୍ରାମକୁ ପୂର୍ବରୁ ୨ଲକ୍ଷ ଓ ଏବେ ୫ଲକ୍ଷ୨୭ ହଜାର ଟଙ୍କା ମଞ୍ଜୁର ହୋଇଛି। ଜଟେସିଂହା ପଞ୍ଚାୟତର ନାରାୟଣପୁରକୁ ପୂର୍ବରୁ ୩ଲକ୍ଷ ଓ ଏବେ ୨ଲକ୍ଷ ୩୦ ହଜାର ଟଙ୍କା, ଖଣ୍ଡହତା ପଞ୍ଚାୟତର ପଣ୍ଡୁଆ ହରିଜନ ପଡାକୁ ପୂର୍ବରୁ ୩ ଲକ୍ଷ ଓ ଏବେ ୨ଲକ୍ଷ ୫୯ ହଜାର ଟଙ୍କା ମଞ୍ଜୁର ହୋଇଛି। ପିତାମହୁଲ ପଞ୍ଚାୟତର ଟେଭାପଦର ମାଳିସାହିକୁ ପୂର୍ବରୁ ୩ ଲକ୍ଷ ଓ ଏବେ ୨ଲକ୍ଷ ୮୩ ହଜାର ଟଙ୍କା, ବହଳପଦର ପଞ୍ଚାୟତର ଅମରପାଲି ଗ୍ରାମକୁ ପୂର୍ବରୁ ୫ଲକ୍ଷ ଓ ଏବେ ୩୦ଲକ୍ଷ ଟଙ୍କା , ଲୁଡୁରପଙ୍କ ପଞ୍ଚାୟତର ଲୁଡୁରପଙ୍କର ଲୁଡୁରପଙ୍କକୁ ପୂର୍ବରୁ ୧୦ ଲକ୍ଷ ଓ ଏବେ ୨୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଖଣ୍ଡହତା ପଞ୍ଚାୟତର ବୁରୁବୁଡା ହରିଜନ ପଡା ପାଇଁ ପୂର୍ବରୁ ୩ ଲକ୍ଷ ଟଙ୍କା ଓ ଏବେ ୩ଲକ୍ଷ ୨୨ ହଜାର ଟଙ୍କା, ଖଣ୍ଡହତା ଗ୍ରାମକୁ ପୂର୍ବରୁ ୨ ଲକ୍ଷ ଓ ଏବେ ୨ ଲକ୍ଷ ୫୩ ହଜାର ଟଙ୍କା , ତୁଳସୀପୁର ମଠ ପାଖ ସଭାଗୃହ ପାଇଁ ପୂର୍ବରୁ ୩ ଲକ୍ଷ ଓ ଏବେ ୧ଲକ୍ଷ ୨୩ ହଜାର ଟଙ୍କା ମଞ୍ଜୁର ହୋଇଛି। ମୁର୍ଷୁଣି ପଞ୍ଚାୟତର ଲୁଦୁମୁଣ୍ଡା ଗ୍ରାମକୁ ପୂର୍ବରୁ ୪ଲକ୍ଷ ଓ ଏବେ ୨ ଲକ୍ଷ ୯୭ ହଜାର ଟଙ୍କା, ମୁର୍ଷୁଣି ଗ୍ରାମକୁ ପୂର୍ବରୁ ୨ଲକ୍ଷ ଓ ଏବେ ୨ ଲକ୍ଷ ୪ହଜାର ଟଙ୍କା, ବଙ୍କିଆ ଗ୍ରାମକୁ ପୂର୍ବରୁ ୨ଲକ୍ଷ ଓ ଏବେ ୨ ଲକ୍ଷ ୪ ହଜାର ଟଙ୍କା ମଞ୍ଜୁର ହୋଇଛି। ବୀରମହାରାଜପୁର ପାଇଁ ପୂର୍ବରୁ ୪ଲକ୍ଷ ଓ ଏବେ ୭ଲକ୍ଷ ୯୩ ହଜାର ଟଙ୍କା, ହିଲୁଙ୍ଗ ହରିଜନପଡାକୁ ପୂର୍ବରୁ ୩ ଲକ୍ଷ ଟଙ୍କା ଓ ଏବେ ୩ ଲକ୍ଷ ୧୮ ହଜାର ଟଙ୍କା, କେନଝିରିଆପାଲି ପଞ୍ଚାୟତର ତେଲିପାଲି ଗ୍ରାମକୁ ପୂର୍ବରୁ ୪ଲକ୍ଷ ଓ ଏବେ ୯ଲକ୍ଷ ୯୨ ହଜାର ଟଙ୍କା ଏବଂ କେନଝିରିଆପାଲି ଛକରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ସଭାଗୃହ ପାଇଁ ପୂର୍ବରୁ ୫ଲକ୍ଷ ଟଙ୍କା ଓ ଏବେ ୨୯ଲକ୍ଷ ୧୮ହଜାର ଟଙ୍କା ମଞ୍ଜୁର ହୋଇଛି।




## ସ୍ୱଭାବ କବି ଗଙ୍ଗାଧର ଜୟନ୍ତୀ ପାଳନ

ରାଉରକେଲା,୨୭।୮ (ସଙ୍ଗୀତା ଜେନା)

କୋଏଲନଗରସ୍ଥିତ ସରସ୍ୱତୀ ବିଦ୍ୟାପୀଠ ପରିସରରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ବିଶିଷ୍ଟ ସାହିତ୍ୟକ ହରମୋହନ ମିଶ୍ର ମୁଖ୍ୟ ଅତିଥି, ଜୟଦେବ କଳାବିକାଶ କେନ୍ଦ୍ରର ପ୍ରଦୀପ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କବିଙ୍କ ରଚିତ କବିତାଗୁଡ଼ିକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗାୟନ ପ୍ରତିଯୋଗିତା କରାଯାଇଥିଲା। ପଲ୍ଲବୀ ତାଣ୍ଡି ପ୍ରଥମ, ସୃଷ୍ଟି କିରୋ ଦ୍ୱିତୀୟ ଏବଂ ସୋହମ କଂସାରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଭାପତି ବ୍ରଜେନ୍ଦ୍ର ଦାସ ସଭା ପରିଚାଳନା ଓ ପ୍ରଧାନଶିକ୍ଷକ ଶିଶିର ପାଣି ଅତିଥି ପରିଚୟ ଏବଂ ଶିକ୍ଷକ ମଦନ ମୋହନ ଆରୁଖ ଧନ୍ୟବାଦ ଅର୍ପଣ କରିଥିଲେ। ସୁପ୍ରଭା ସାମଲ, ଅନ୍ନପୂର୍ଣ୍ଣା ନାୟକ, ବନ୍ଦନା ଭିତିରିଆ, ପୃଥିବୀ ରାଉତ, ପୂର୍ଣ୍ଣଚନ୍ଦ୍ର ମହତୋ, ମନସ୍ୱିନୀ ବାରିକ, କଳ୍ପନା ପାଇକରାୟ, ଅନିମା ବିଶ୍ୱାଳ, ସାବିତ୍ରୀ ବଡ଼ାଇକ, ମୀନତି କିଷାନ ସହଯୋଗ କରିଥିଲେ।

## ଭାଜପା ନୂତନ ବିସ୍ତାରକଙ୍କ ଦାୟିତ୍ୱ ଗ୍ରହଣ

ରାଉରକେଲା,୨୭।୮ (ସଙ୍ଗୀତା ଜେନା)

ରଘୁନାଥପାଲି ନିର୍ବାଚନମଣ୍ଡଳୀର ଏକ ବୈଠକ ଭାଜପା ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ରଘୁନାଥପାଲି ନିର୍ବାଚନୀ ମଣ୍ଡଳୀ ପାଇଁ ଶ୍ୟାମ ନାୟକଙ୍କୁ ନୂତନ ବିସ୍ତାରକ ଦାୟିତ୍ୱ ଦିଆଯାଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ନୂତନ ଭୋଟର ତାଲିକାରେ ନାମ ପଞ୍ଜୀକରଣ ଉପରେ ଆଲୋଚନା ହୋଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ବେହେରା. ମୁଖପାତ୍ର ଗଙ୍ଗାଧର ଦାଶ, ଜିଲା ଉପସଭାପତି ସୁବ୍ରତ ପଟ୍ଟନାୟକ, ଏସ୍‌ସିଏମ୍ ସଭାପତି ରୋହିତ ତନ୍ତୀ ପ୍ରମୁଖ ମଞ୍ଚାସୀନ ଥିଲେ। ଭାଜପା ଜିଲା ଉପସଭାପତି ଅମରେନ୍ଦ୍ର ଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭ୍ରମରବର ବେହେରା, ମଳୟ ମହାପାତ୍ର, ମୁରଲୀଧର ଗୌଡ଼, ମନୋରଞ୍ଜନ ମୁନିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ନାଗରିକ ସୁରକ୍ଷା କମିଟି ବୈଠକ

ରାଉରକେଲା,୨୭।୮ (ଦିନେଶ ମିଶ୍ର)

ସୁନ୍ଦରଗଡ ଜିଲାର ସାମଗ୍ରିକ ବିକାଶ ପ୍ରସଙ୍ଗରେ ବ୍ୟାପକ ଜନଆନ୍ଦୋଳନ ପାଇଁ ନାଗରିକ ସୁରକ୍ଷା କମିଟି ବୈଠକ ସଭାପତି ଅଭୟ ଦାସଙ୍କ ଅଧ୍ୟକ୍ଷତାରେ ଜଗଦା ବାଟମଙ୍ଗଳା ମନ୍ଦିରରେ ଅନୁଷ୍ଠିତ ହୋଇଛି। ବୈଠକରେ ଗତ ଅଗଷ୍ଟ ୨୦ରେ ହୋଇଥିବା ମହା କନଭେନଶନର ସଫଳତା ପରେ ୧୧ ଦଫା ଦାବି ହାସଲ କରିବା ପାଇଁ ଆଗାମୀ ଦିନରେ ଜନଆନ୍ଦୋଳନକୁ ତୀବ୍ର କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ କମିଟିର ବରିଷ୍ଠ ସଦସ୍ୟ ଗିରିଶ ମହାପାତ୍ର, ରାଜକିଶୋର ପ୍ରଧାନ, ସଞ୍ଜୀବ ମହାନ୍ତି, ତ୍ରିଲୋଚନ ପରିଡା, ଗଣେଶ ପ୍ରଧାନ, ପିତାମ୍ବର ନାୟକ, ବିମାନ ମାଇତି, ବ୍ରଜେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍‌ଆଇଟିରେ କ୍ରୀଡ଼ା ଉତ୍ସବ

ରାଉରକେଲା,୨୭।୮ (ସଙ୍ଗୀତା ଜେନା)

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲାରେ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ଭାରତ ସରକାର ଗତ ୨୧ରୁ ୨୯ ତାରିଖ ପର୍ଯ୍ୟନ୍ତ କ୍ରୀଡ଼ା ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଥିବା ବେଳେ ଏନ୍‌ଆଇଟିରେ ଏହା ଆୟୋଜନ ହୋଇଛି। ଉକ୍ତ ପ୍ରତିଯୋଗିତାରେ ଦୌଡ଼, ବାସ୍କେଟବଲ, ଫୁଟବଲ୍, ଟଗ୍ ଅଫ୍ ୱାର, ସନ୍ତରଣ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ସାକ୍ ସଭାପତି ରାଜୀବ ପଣ୍ଡା ସ୍ୱାଗତ କରିଥିଲେ। ଏହାକୁ ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଉଦ୍‌ଘାଟନ କରିଥିଲେ। ଶିକ୍ଷାନୁଷ୍ଠାନର ଛାତ୍ର କଲ୍ୟାଣ ଡିନ୍ ପ୍ରଫେସର ସିଦ୍ଧାର୍ଥ ଏସ୍. ଜେନା, ରେଜିଷ୍ଟ୍ରାର ରୋହନ ଧୀମାନ୍, ମୁଖ୍ୟ ୱାଡେନ୍ ନିରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ସୋସାଇଟି ଉପସଭାପତି ରମେଶ ମହାପାତ୍ର, ଡ. ମୟଙ୍କ ଯାଦବ, ଅନନ୍ତ ଚରଣ ପ୍ରଧାନ, ଅନିଲ ସିଂ, ଡ. ମାନଭେନ୍ଦ୍ର ସିଂ, ଡ. ଅଙ୍ଗନା ସରକାର, ଡ. ତୁଷାର ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଭଙ୍ଗା ବ୍ରିଜ୍, ଭୟରେ ଯାତାୟାତ

**ଶୀତଳପଡା ବସ୍ତି**

ରାଉରକେଲା,୨୭।୮ (ଦିନେଶ ମିଶ୍ର)

ରାଉରକେଲା ସହରର ବିଭିନ୍ନ ବସ୍ତି ଓ ତଳି ଅଞ୍ଚଳଗୁଡିକରେ ବହୁ ଉନ୍ନତିମୂଳକ କାର୍ଯ୍ୟ ଜାରି ରହିଛି। କେଉଁଠି ଗୋଷ୍ଠୀ ଶୌଚାଳୟ ତ ଆଉ କେଉଁଠି ପକ୍କା ରାସ୍ତା ତିଆରି କରାଯାଉଛି। ଏସବୁ ଉନ୍ନତୀକରଣ ସତ୍ତ୍ୱେ ଉଦିତନଗର ସ୍ଥିତ ଶୀତଳପଡା ବସ୍ତିକୁ ସଂଯୋଗ କରୁଥିବା ମୁଖ୍ୟ ବ୍ରିଜ୍ ଭଗ୍ନ ଅବସ୍ଥାରେ ପଡିରହିଥିବା ଦେଖିବାକୁ ମିଳିଛି। ଫଳରେ ଲୋକମାନେ ଏହି ବ୍ରିଜ୍ ଦେଇ ଭୟରେ ଯାତାୟାତ କରୁଛନ୍ତି।

ଶୀତଳପଡା ବସ୍ତିରେ ପ୍ରାୟ ୩ ହଜାର ଲୋକ ବାସ କରନ୍ତି। ଏଠାକାର ଲୋକେ ଦିନ ମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରନ୍ତି। ଏହି ବସ୍ତିଟି ଆର୍‌ଏସ୍‌ପି ଡମ୍ପିଂ ୟାର୍ଡ ଅଞ୍ଚଳରେ ରହିଛି। ଏହି ବସ୍ତି ମଧ୍ୟରେ ଯାଇଥିବା ମୁଖ୍ୟନାଳ ତରକେରା ଦେଇ ବ୍ରାହ୍ମଣୀ ନଦୀରେ ମିଶିଛି। ଏହି ନାଳ ଉପରେ ଆଜିକୁ ୨୫ ବର୍ଷ ତଳେ ଆର୍‌ଏସ୍‌ପି ପକ୍ଷରୁ ଏକ ଛୋଟ ବ୍ରିଜ୍ ନିର୍ମାଣ ନିର୍ମାଣ କରାଯାଇଥିଲା। ବ୍ରିଜ୍ ଦେଇ ଶୀତଳପଡା ବସ୍ତି ଭିତରେ ଥିବା ଡମ୍ପିଂ ୟାର୍ଡରୁ ଆର୍‌ଏସ୍‌ପିର ବିଭିନ୍ନ ଗାଡି ଅଦରକାରୀ କଞ୍ଚାମାଲଗୁଡିକ ଉଠାଉଥିଲା। ଏହି


ଶୀତଳପଡା ବସ୍ତିକୁ ଯିବା ପାଇଁ ମୁଖ୍ୟ ବ୍ରିଜ୍ ଭାଙ୍ଗିଯାଇଛି।

ବ୍ରିଜ ଉପରେ ଭାରଯାନ ଚଳାଚଳ କରିବାକୁ ଏହା ଧୀରେ ଧୀରେ ଭାଙ୍ଗିବାକୁ ଲାଗିଲା। ଏହା ବସ୍ତି ଭିତରକୁ ଯିବା ପାଇଁ ମୁଖ୍ୟ ବ୍ରିଜ ହୋଇଥିବାବେଳେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଚାରିପଟେ ସୁରକ୍ଷା ପାଚେରୀ ଭାଙ୍ଗି ଯାଇଛି। ଫଳରେ ଆଜିକୁ ୫ ବର୍ଷ ତଳେ ଦୁଇଜଣ ବାଳକ ବ୍ରିଜ ଉପରୁ ତଳକୁ ଖସିପଡି ମୃତ୍ୟୁ ଘଟିଥିବା ବସ୍ତିର ସୋନୁ ସାହୁ କହିଥିଲେ। ଏହି ବ୍ରିଜ ନିର୍ମାଣ ହେବା ଦିନରୁ କୌଣସି ମରାମତି ହୋଇନାହିଁ। ସେହିପରି ବ୍ରିଜ ଉପରେ ବିଭିନ୍ନ ଯାନ ଯାତାୟାତ କରୁଥିବାରୁ ଏହା ଉପରେ ବଡଧରଣର ଗର୍ତ୍ତମାନ ସୃଷ୍ଟି ହୋଇଛି। ବର୍ଷାଦିନେ ପାଣି ଜମି ରହୁଥିବାବେଳେ ବର୍ଷାଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଫଳରେ ସ୍ଥାନୀୟ ବସ୍ତିବାସୀ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ରିଜ୍ ଭାଙ୍ଗିଯାଇ ଅଣଓସାରିଆ ହୋଇପଡିଛି। କୌଣସି ବଡ ଗାଡି ଅତିକ୍ରମ କଲାବେଳେ ଅନ୍ୟ ଗାଡିଗୁଡିକୁ ଅପେକ୍ଷା କରିବାକୁ ପଡୁଛି। ବ୍ରିଜ ଉପରେ ଫାଟ ସୃଷ୍ଟି ହୋଇଥିବା ବେଳେ ଲୁହାରଡ୍ ଦେଖା ହେଉଛି। ବ୍ରିଜ୍‌ର ଉଭୟ ପାର୍ଶ୍ୱ ପାଚେରୀ ଭାଙ୍ଗିଯିବାରୁ ଅନେକ ସମୟରେ ଭାରସାମ୍ୟ ହରାଇ ଗାଡିଗୁଡିକ ନାଳରେ ପଶିଯାଉଛି। ସ୍ଥାନୀୟ ପ୍ରଶାସନ ଏ ନେଇ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଶୀତଳପଡା ବସ୍ତିଟି ଆର୍‌ଏସ୍‌ପି ଜାଗାରେ ରହିଛି। ତଥାପି ସ୍ଥାନୀୟ ପ୍ରଶାସନ ପକ୍ଷରୁ ପାନୀୟ, ବିଦ୍ୟୁତ ଭଳି ମୌଳିକ ସୁବିଧା ଯୋଗାଇ ଦିଆଯାଇଛି। ଏହି ବ୍ରିଜ୍ ଓ ରାସ୍ତା ମରାମତି ପାଇଁ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ରହିଛି। ତେଣୁ ଆମେ ଏ ନେଇ ଆର୍‌ଏସ୍‌ପିକୁ ନିଶ୍ଚିତ ଅବଗତ କରାଇବୁ ବୋଲି ମହାପାତ୍ର କହିଥିଲେ।

## ମୋବାଇଲ ଚୋରି, ଜଣେ ଗିରଫ

ରାଉରକେଲା,୨୭।୮ (ସଙ୍ଗୀତା ଜେନା)

ମାଲକାନାଗିରି ମାଥିଲି ଅଞ୍ଚଳର ସନ୍ତୋଷ ମାଡ଼କାମୀ (୨୧) ଟ୍ରେନରେ ଯାତ୍ରା କରୁଥିବା ବେଳେ ଶନିବାର ପୂର୍ବାହ୍ନରେ ତାଙ୍କ ମୋବାଇଲ ଚୋରି ହୋଇଥିବା ଜିଆର୍‌ପି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଝାଡ଼ଖଣ୍ଡ ଡରୁଆ ଅଞ୍ଚଳରୁ ମନୋଜ କୁମାର(୨୩)ଙ୍କୁ ଗିରଫ କରାଯାଇଥିଲା। ତାଙ୍କଠାରୁ ଚୋରି ମୋବାଇଲ ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ.୧୧୩/୨୩) ରୁଜୁ କରି ତାଙ୍କୁ କୋର୍ଟଚାଲାଣ କରାଯାଇଛି।

## କଂଗ୍ରେସ ନେତାଙ୍କ ବିୟୋଗରେ ଶୋକ

ରାଉରକେଲା, ୨୭।୮ (ସଙ୍ଗୀତା ଜେନା)

ବର୍ଷିୟାନ କଂଗ୍ରେସ ନେତା ତଥା ସେବାଦଳର କର୍ମୀ ସ୍ୱର୍ଗତ ଘିସାଲାଲ ଶର୍ମା, ବନ୍ଧମୁଣ୍ଡା ବ୍ଲକ କଂଗ୍ରେସର ସାଧାରଣ ସମ୍ପାଦକ ଯୁବନେତା ପି. ଗୋବିନ୍ଦ ରାଓ ଏବଂ ପ୍ରଦେଶ କଂଗ୍ରେସର ବରିଷ୍ଠ ନେତ୍ରୀ ସନ୍ଧ୍ୟା ମହାପାତ୍ରଙ୍କ ବିୟୋଗରେ ରାଉରକେଲା ଜିଲା କଂଗ୍ରେସ ତରଫରୁ ଗଭୀର ଶୋକ ପ୍ରକାଶ ପାଇଛି। ଏହି ଅବସରରେ ରବିବାର ଜିଲା କଂଗ୍ରେସ ତରଫରୁ ସ୍ଥାନୀୟ କଂଗ୍ରେସ ଭବନରେ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା ଦିବଂଗତ ନେତାମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସେମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ୧ ମିନିଟ୍ ନିରବ ପ୍ରାର୍ଥନା କରି ସ୍ମୃତିଚାରଣ କରିଥିଲେ। ପିସିସି ସାଧାରଣ ସମ୍ପାଦକ ବିରେନ ସେନାପତି, ପୂର୍ବତନ ସଭାପତି ରବି ରାୟ, ରାମାନନ୍ଦ ଶ୍ରୀଚନ୍ଦନ, ସବୀର ହୁସେନ ଓ ପ୍ରଭାତୀ ମିଶ୍ର, ପିସିସି ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ଉପସଭାପତି କୀର୍ତ୍ତନ ଦାସ, ଅନୁସୂଚିତ ଜାତି ବିଭାଗ ରାଜ୍ୟ ଆବାହକ ଗଜେନ୍ଦ୍ର ତନ୍ତୀ, ବନ୍ଧମୁଣ୍ଡା ବ୍ଲକ ସଭାପତି ରାଜେନ୍ଦ୍ର ରଜାକ, କଂଗ୍ରେସ ମୁଖପାତ୍ର ଇଂ. ଆର୍. ପି. ସିଂହ, ଓବିସି ରାଷ୍ଟ୍ରୀୟ ସହ ସଂଯୋଜକ କୈଳାସ ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗୀୟ ନେତାମାନଙ୍କ ସ୍ମୃତିଚାରଣ କରିଥିଲେ।

## କାର୍ଯ୍ୟକ୍ଷମ ହେଉନି ସାର୍ବଜନୀନ ଶୌଚାଳୟ

ରାଉରକେଲା,୨୭।୯ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଉପନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖ ସାର୍ବଜନୀନ ଶୌଚାଳୟ ଏଯାଏ କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ରାଉରକେଲା ପାନପୋଷସ୍ଥିତ ମ୍ୟାରେଜ ସବ୍‌ରେଜିଷ୍ଟ୍ରାର ଅଫିସ, ଉପନିବନ୍ଧକଙ୍କ କାର୍ଯ୍ୟାଳୟ, ପୁରୁଣା କୋର୍ଟ, ପାନପୋଷ ଯୋଗାଣ ଅଫିସକୁ ବିଭିନ୍ନ କାମରେ ଆସୁଥିବା ହଜାର ହଜାର ଲୋକ ଶୌଚ ପାଇଁ ହଟହଟା ହେଉଛନ୍ତି।

ସୂଚନା ଅନୁସାରେ, ଉପରୋକ୍ତ ଅଫିସ ନିକଟରେ କୌଣସି ଶୌଚାଳୟ ନ ଥିବାରୁ ଆର୍‌ଏମ୍‌ସି ପକ୍ଷରୁ ମହିଳା ପୁରୁଷମାନଙ୍କ ପାଇଁ ଶୌଚାଳୟ ନିର୍ମାଣ କରାଗଲା। ମାତ୍ର ଶୌଚାଳୟ ନିର୍ମାଣ ହେବାର ଦୀର୍ଘମାସ ପରେ ମଧ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଶୌଚାଳୟରେ ବର୍ତ୍ତମାନ ସୁଦ୍ଧା ପାଇପ, ବେସିନ କିମ୍ବା ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଫଳରେ


ଉପନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖ ଶୌଚାଳୟ ।

ଶୌଚାଳୟଟି ଲୋକମାନଙ୍କ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ପୁରୁଷ ଲୋକମାନେ ସିଧାସଳଖ ଯାଇ ସେଠାରେ ପରିସ୍ରା କରୁଛନ୍ତି। ଫଳରେ ଶୌଚାଳୟରେ ମଳମୂତ୍ର ଜମିରହୁଛି ଏବଂ ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏ ନେଇ ଆର୍‌ଏମ୍‌ସି ଆୟୁକ୍ତ ଡା. ଶୁଭଙ୍କର ମହାପାତ୍ରଙ୍କୁ ଅବଗତ କରାଯିବା ପରେ ତୁରନ୍ତ ଜରୁରୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ମାତ୍ର ଏପର୍ଯ୍ୟନ୍ତ ଶୌଚାଳୟ କାର୍ଯ୍ୟକ୍ଷମ କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।

## ବୃଦ୍ଧ ଦମ୍ପତିଙ୍କଠୁ ଚୋରି, ୨ ଗିରଫ

ରାଉରକେଲା,୨୭।୮ (ସଙ୍ଗୀତା ଜେନା)

ଟ୍ରେନରେ ଏକ ବୃଦ୍ଧ ଦମ୍ପତି ଯାତ୍ରା କରୁଥିବା ବେଳେ ତାଙ୍କ ବ୍ୟାଗ୍ ଚୋରି ନେଇ ଅଭିଯୋଗ ହୋଇଥିଲା। ରାଉରକେଲା ଜିଆରପି ତଦନ୍ତ କରି ପଶ୍ଚିମବଙ୍ଗ ୨୪ ପ୍ରଗଣା ଅଞ୍ଚଳରୁ ରାକେଶ ମଣ୍ଡଳ(୨୫) ଓ ଭୋଲା ଦାସ(୩୫)ଙ୍କୁ ଗିରଫ କରିବା ସହ ଉଭୟଙ୍କୁ କୋର୍ଟଚାଲାଣ କରିଛି। ଏ ନେଇ ଏକ ମାମଲା (ନଂ. ୧୧୪/୨୩) ରୁଜୁ ହୋଇଛି।

## ଲାପ୍‌ଟପ୍ ଚୋରି, ଜଣେ ଗିରଫ

ରାଉରକେଲା,୨୭।୮ (ସଙ୍ଗୀତା ଜେନା)

ରେଲୱେ ଯାତ୍ରୀ ଅଜିତ ମହାନ୍ତି ତାଙ୍କ ଲାପ୍‌ଟପ୍ ଓ ଘର ଚାବି ଚୋରି ହୋଇଥିବା ରାଉରକେଲା ଜିଆର୍‌ପିରେ ଅଭିଯୋଗ କରିଥିଲେ। ଜିଆର୍‌ପି ତଦନ୍ତ କରି କ୍ରିଷ୍ଣା ଶର୍ମା(୨୩)ଙ୍କୁ ଗିରଫ କରିଛି। ତାଙ୍କୁ କୋର୍ଟଚାଲାଣ ସହ ଲାପ୍‌ଟପ୍ ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ.୧୧୦।୨୩) ରୁଜୁ ହୋଇଛି।

## ସଂସ୍କୃତ କଲେଜରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ରାଉରକେଲା,୨୭।୮ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସଂସ୍କୃତ ମହାବିଦ୍ୟାଳୟରେ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ କଲ୍ୟାଣ ସେବାଶ୍ରମର ସଂସ୍ଥାପକ ସ୍ୱାମୀ ଅଗ୍ନି ବାବା ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଗୋଟିଏ ବୃକ୍ଷ ତା ଜୀବନକାଳ ମଧ୍ୟରେ ମାନବ ସମାଜର ବଞ୍ଚିବା ପାଇଁ ଯାହା ଦାନ କରିଥାଏ ତାହା ଅବର୍ଣ୍ଣନୀୟ ବୋଲି ଅଗ୍ନିବାବା କହିଥିଲେ। ଅଧକ୍ଷ ଉମାକାନ୍ତ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରମେଶ୍ୱର ଶତପଥି, କେଦାର ନାଥ ପାଢୀ, କାଳୀ କିଙ୍କର ପଣ୍ଡା, ଶିବ ପ୍ରସାଦ ଦାସଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଜ୍ୟୋତ୍ସ୍ନାରାଣୀ ଦାସ ମଞ୍ଚ ସଞ୍ଚାଳନ କରିଥିଲେ। ପରେ ରକ୍ଷାବନ୍ଧନ ପବିତ୍ର ସମ୍ପର୍କ ଆଧାତ୍ମିକ ବିଚାର ଉପରେ ଆଲୋଚନା ହୋଇଥିଲା। ବ୍ରହ୍ମକୁମାରୀ ଈଶ୍ୱରୀୟ ବିଦ୍ୟାଳୟର ଭଉଣୀମାନେ ସମସ୍ତଙ୍କୁ ରାଖୀ ବାନ୍ଧିଥିଲେ। ଶେଷରେ ଶାସ୍ତ୍ରୀ ଦ୍ୱିତୀୟ ବର୍ଷର ଛାତ୍ରୀ ସାବିତ୍ରୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ମମତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜାତୀୟ କର ସମ୍ମିଳନୀ ଉଦ୍‌ଯାପିତ



ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅର୍ପିତ ହଳଦିଆ କର ସମ୍ପର୍କରେ ତଥ୍ୟ ଦେଉଛନ୍ତି।

ରାଉରକେଲା,୨୭।୮ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଟ୍ୟାକ୍ସ ବାର ଆନୁକୂଲ୍ୟରେ ହୋଟେଲ ପାହାଡିଠାରେ ଚାଲିଥିବା ଜାତୀୟ କର ସମ୍ମିଳନୀ ଜ୍ଞାନସେତୁ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଦେଶର ବିଭିନ୍ନ ରାଜ୍ୟରୁ ୩୫୦ରୁ ଊର୍ଦ୍ଧ୍ୱ ଟ୍ୟାକ୍ସ ଆଇନଜୀବୀ, ବିଶେଷଜ୍ଞ, ଜିଏସ୍‌ଟି ବିଶାରଦ ଏବଂ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ସମ୍ମିଳନୀକୁ ୫ଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଥିଲା। ଶନିବାର ୨ଟି ପର୍ଯ୍ୟାୟ ଏବଂ ରବିବାର ୩ଟି ପର୍ଯ୍ୟାୟରେ ଆଲୋଚନା ହୋଇଥିଲା। ତୃତୀୟ ପର୍ଯ୍ୟାୟରେ ରାଜସ୍ୱ କର ସେକ୍ସନ (୧୬)୪ ପ୍ରଭାବ ବିଷୟରେ ଅଞ୍ଚଳ କପୁର, ଚତୁର୍ଥ ପର୍ଯ୍ୟାୟରେ ଜିଏସ୍‌ଟି ନୋଟିସ, ଅଡିଟ୍ ଓ କେଶ୍ ସୂଚନା ବିଷୟରେ ସିଏ (ଆଇନଜୀବୀ) ବିମଳ ଜୈନ ଏବଂ ୫ମ ପର୍ଯ୍ୟାୟରେ ଜିଏସ୍‌ଟି ଆଇନଗତ ବିଚାର ବିଷୟର ସିଏ ଡ. ଅର୍ପିତ ହଳଦିଆ ଜାତୀୟ କର ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। ରାଉରକେଲା ଟ୍ୟାକ୍ସ ବାର ଉପସଭାପତି ପ୍ରଦୀପ୍ତ କୁମାର ରାଉତ, ସମ୍ପାଦକ ଚଞ୍ଚଳ କେଡିଆ, କୋଷାଧ୍ୟକ୍ଷ ସୁରେନ୍ଦ୍ର ପ୍ରଜାପତି, ଆଇଟି ସମ୍ପାଦକ ନରେଶ ଅଗ୍ରୱାଲ, ସହ ସମ୍ପାଦକ ସଞ୍ଜୟ ମିଶ୍ର, ସହ ସମ୍ମିଳନୀ ସମ୍ପାଦକ ଦିଲୀପ ଅଗ୍ରୱାଲ, ସହସମ୍ପାଦକ ସଞ୍ଜୟ ଅଗ୍ରୱାଲ, ସହ ଅଧକ୍ଷ ପ୍ରତାପ ଚନ୍ଦ୍ର ରଥ, କୋଷାଧ୍ୟକ୍ଷ ବିକାଶ ରାଠି ଏବଂ ପ୍ରଦୀପ୍ତ କୁମାର ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ମ୍ୟୁଜିକ ସର୍କଲରେ ନୃତ୍ୟ ସଙ୍ଗୀତ ଆସର

ରାଉରକେଲା,୨୭।୮ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ସଂଭ୍ରାନ୍ତ ସାଂସ୍କୃତିକ ଅନୁଷ୍ଠାନ ମ୍ୟୁଜିକ ସର୍କଲ ପରିସରରେ ମାସିକ ନୃତ୍ୟ ସଙ୍ଗୀତ ଆସର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ନିଜ ନିଜ କଳା ନୈପୁଣ୍ୟର ପରାକାଷ୍ଠା ପ୍ରଦର୍ଶନ କରିଥିଲେ। ସୁଶ୍ରୀ ଗ୍ରୀଷ୍ମା, ସ୍ୱନ୍ଦିତା, ଶୁଭଶ୍ରୀ, ମନିଷା, ସମୃଦ୍ଧି, ସରନ୍ୟା, କେ. ସାଇସରନ୍ୟା ପ୍ରମୁଖ ନୃତ୍ୟଶିଳ୍ପୀ ଗୁରୁ ବନ୍ଦନା, ମୋହନ ପଲ୍ଲବୀ ଏବଂ ତୋ ଲାଗି ଗୋପଦାଣ୍ଡ ମନା ନୃତ୍ୟ ପରିବେଷଣ କରିଥିବାବେଳେ ଦୀପକ


ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ରାଉତ, ବାପିନା ନାୟକ, ସରସତୀ ନାଗ, ସୁଶ୍ରୀ ସଙ୍ଗୀତା ପଣ୍ଡା, ସାଇଶ୍ରୀତା ସାହୁ, ପ୍ରତ୍ୟୁଷ ପଦାରବିନ୍ଦ ସାହୁ, ତୃଷା ତେଜମୟୀ ସାହୁ ଏବଂ ଅଙ୍କିତା ବେହେରା ଉଭୟ ଆଧୁନିକ ଏବଂ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ହାରମୋନିୟମ ଗୁରୁ ବାବାଜୀ ଚରଣ ବିଶ୍ୱାଳ, ତବଲାରେ ଗୁରୁ ବିବେକାନନ୍ଦ ପଣ୍ଡା, ଗୁରୁ ବିଭୂତି ଭୂଷଣ ପତି, ଗୁରୁ ବି. ଚନ୍ଦ୍ରଶେଖର ରାଓ ଏବଂ ବଂଶୀ ବାଦନରେ ଗୁରୁ ନରେନ୍ଦ୍ର କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦିକା ଅଳକା ଚାନ୍ଦଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସମାବେଶରେ କାର୍ଯ୍ୟକାରୀ ସଭାପତି ଇଂ. ଅଭୟ କୁମାର ଦାସ, କାର୍ଯ୍ୟକାରୀ ସଦସ୍ୟ ଲକ୍ଷ୍ମଣ ନାଥ ଦାସ, ସନ୍ତୋଷ କୁମାର ମଲ୍ଲିକ, ସୁଦେଷ୍ଣା ରାଉତ, ଅଜୟ କୁମାର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରେମୀଯୁଗଳଙ୍କୁ ଉଦ୍ଧାର କଲା ରାଞ୍ଚି ପୋଲିସ

ରାଉରକେଲା,୨୭।୮ (ସଙ୍ଗୀତା ଜେନା)

ଝାଡ଼ଖଣ୍ଡ ରାଞ୍ଚି ଅଞ୍ଚଳରୁ ଗତ ୨୪ ତାରିଖରେ ଏକ ପ୍ରେମୀଯୁଗଳ ନିଖୋଜ ଥିବା ଅଭିଯୋଗ ହୋଇଥିଲା। ସେଠାକାର ପୋଲିସ ତଦନ୍ତ କରିବା ପରେ ଉଭୟ ରାଉରକେଲା ରଘୁନାଥପାଲି ଥାନା ଅଞ୍ଚଳରେ ରହିଥିବା ଜଣାପଡ଼ିଥିଲା। ଶନିବାର ବିଳମ୍ବିତ ରାତିରେ ସ୍ଥାନୀୟ ପୋଲିସ ସହଯୋଗରେ ରାଞ୍ଚି ପୋଲିସ ସିଭିଲଟାଉନଶିପ୍‌ର ଏକ ଘରୁ ପ୍ରେମୀ ଯୁଗଳଙ୍କୁ ଉଦ୍ଧାର କରିଥିଲା। ରଘୁନାଥପାଲି ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଉଭୟଙ୍କୁ ସୁରକ୍ଷିତ ଭାବେ ରାଞ୍ଚି ପଠାଯାଇଛି।

## ସୁସ୍ଥ ସମାଜ ପାଇଁ ବୃକ୍ଷଲତାର ଆବଶ୍ୟକତା ରହିଛି

ରାଉରକେଲା,୨୭।୮ (ଦିନେଶ ମିଶ୍ର)

ରାଉରକେଲା ବିଶ୍ରାଡାହାର ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଶନିବାର ସବୁଜ ଦିବସ ପାଳିତ ହୋଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ଉପାଧ୍ୟକ୍ଷ ରଷି ଆରିୟା, ଅଜୟ ଗୋୟେଲ ଅତିଥି ଭାବେ ଯୋଗଦେଇ ଏକ ସୁସ୍ଥ ସମାଜ ପାଇଁ ବୃକ୍ଷଲତାର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ନର୍ସରୀଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀମାନେ ସବୁଜ ଦିବସ ଉପରେ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସବୁଜ ରଙ୍ଗ ସମୃଦ୍ଧି ଓ ଖୁସିର ପ୍ରତୀକ ହୋଇଥିବାରୁ ସମାଜକୁ ସବୁଜ ରଖିବା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ ବୋଲି ପ୍ରଧାନ ଶିକ୍ଷକ ଦାସ କହିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷୟିତ୍ରୀ ସୁଚିତ୍ରା ତୃଷା ବଂଶଲ ଓ ସୀତା ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୁଚିତ୍ରା ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ଦିବ୍ୟାଙ୍ଗ ପିଲାଙ୍କୁ ସମର୍ଥ କରିବ ସ୍ୱତନ୍ତ୍ର ଅଲିମ୍ପିକ୍ସ କମିଟି

ରାଉରକେଲା,୨୭।୮ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ହୋମ୍ ଆଣ୍ଡ୍ ହୋପ୍ ବିଦ୍ୟାଳୟ ପରିସରରେ ରବିବାର ସୁନ୍ଦରଗଡ ଜିଲା ସ୍ପେଶାଲ ଅଲିମ୍ପିକ୍ସ କମିଟିର ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରୋଜ ମହାନ୍ତିଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସୁନ୍ଦରଗଡ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ହାଓଡା ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବୌଦ୍ଧିକ ବିକାଶ ବାଧିତ (ମାନସିକ ଦିବ୍ୟାଙ୍ଗ) ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଅଲିମ୍ପିକ୍ସ ଗଠନ ସହ ସୁବିଧା ସୁଯୋଗ ମିଳିଲେ ସେମାନେ ନିଶ୍ଚୟ ସଫଳତା ହାସଲ କରିପାରିବେ। ଏଥିପାଇଁ ସରକାରଙ୍କ ସୁବିଧା ସହଜରେ ଯୋଗାଇ ଦେବାକୁ ମୁଖ୍ୟ ଅତିଥି ସିଂ ପ୍ରତିଶ୍ରୁତି ଦେଇଥିଲେ। ଆଇନଜୀବୀ ତଥା ସୋନପୁର ଜିଲା ରେୟାର ସଭାପତି ଗୌରୀଶଙ୍କର


କାର୍ଯ୍ୟକ୍ରମରେ ଅତିଥିଙ୍କ ସହିତ ଅଂଶଗ୍ରହଣକାରୀ।

ପଣ୍ଡା ଯୋଗଦେଇ ମାନସିକ ଦିବ୍ୟାଙ୍ଗ ପିଲାମାନଙ୍କୁ ସରକାରୀ ସ୍ତରରେ ସମାନ ସୁଯୋଗର ଅଧିକାର ମିଳୁନାହିଁ। ଏଥିପାଇଁ ଜିଲା ତଥା ରାଜ୍ୟସ୍ତରୀୟ କମିଟିର ଆବଶ୍ୟକତା ରହିଛି ବୋଲି କହିଥିଲେ। ହୋମ୍ ଆଣ୍ଡ୍ ହୋପ୍‌ର ସହ ସମ୍ପାଦକ ଗୌରୀ ଶଙ୍କର ଦାସ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁରରୁ ବ୍ରଜକିଶୋର ସାହୁ, କଟକରୁ ସୁଜାତା ପଟ୍ଟନାୟକ, ସୋନପୁରରୁ ଶ୍ରୀଯୁକ୍ତ ଦେହୁରୀ, ହୋମ ଆଣ୍ଡ ହୋପରୁ ପଦ୍ମିନୀ ଦାସ, ଆଶାଦୀପରୁ ସବିତା ମହାନ୍ତି, ଶ୍ରଦ୍ଧାର କାର୍ତ୍ତିକ ପାଣ୍ଡବ, ରୋଟାରିୟାନ ଶ୍ରୀମତି ବିଶ୍ୱାସ, ଅଭିଭାବକ ସଂଘର ଗଗନ ବିହାରୀ ଧଳ ଓ ରଞ୍ଜନ ମହାରଣା, ରାଜଗାଙ୍ଗପୁର ହୋପ ଅନୁଷ୍ଠାନର ସମ୍ପାଦକ ଆଶୀର୍ବାଦ ସାମଲ ଓ ଲକ୍ଷ୍ମୀଧର ପାଣିଗ୍ରାହୀ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଶ୍ୟାମଦେବୀଙ୍କୀ ଅନୁଷ୍ଠାନ ଶୁଭକାନ୍ତ ବୋଇତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ, ଦେବଗଡ, ସମ୍ବଲପୁର, କଟକ, ଭୁବନେଶ୍ୱର, ସୋନପୁର, ବଲାଙ୍ଗୀର ଆଦି ଜିଲାରୁ ପ୍ରାୟ ୪୦ରୁ ଅଧିକ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ମହିଳା ସଶକ୍ତୀକରଣର ସାମାଜିକ ସମୀକ୍ଷା

ସମ୍ବଲପୁର,୨୭।୮(ଶୁଭାଶିଷ ପାଢ଼ୀ)

ସେବା ସାମାଜିକ ସଂଗଠନ ଓ ଏକତା ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ମହିଳା ସଶକ୍ତିକରଣର ସାମାଜିକ ସମୀକ୍ଷା ଓ ପ୍ରଶିକ୍ଷଣ କର୍ମଶାଳା ହୀରାକୁଦଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହିଳା ସଶକ୍ତିକରଣ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସେବା ସାମାଜିକ ସଂଗଠନର ସଭାପତି ଦୀପକ ପାଣ୍ଡେ, ସମ୍ପାଦକ ସଲିଳ ପଣ୍ଡା, ମଞ୍ଜୁଲତା ପଣ୍ଡା, ସରୋଜିନୀ ବଞ୍ଚ, ମଞ୍ଜୁଲତା ଓରାମ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏକତା ଟ୍ରଷ୍ଟର ଅଧ୍ୟକ୍ଷ ଦିପ୍ତୀରେଖା ପଟ୍ଟନାୟକ, ମୁଖ୍ୟ ଟ୍ରଷ୍ଟି ରବି ମହାରଣା, ସଦସ୍ୟା ତୁଳସୀ ବିଶୋଇ, ରାଜନୀବାଳା ଦାସ, ଦିବ୍ୟ ଭାରତୀ ଜେନା, ରଶ୍ମିତା ପଣ୍ଡା ଓ ବବିତା ଜେନା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ୧ ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିବା ବେଳେ ଆଗାମୀ ଦିନ ପାଇଁ ପ୍ରଶିକ୍ଷଣ ଖସଡ଼ା ପ୍ରସ୍ତୁତ କରାଯାଇଥିଲା ।

### ଶିକ୍ଷା, ଚିକିତ୍ସା ପାଇଁ ୧୩ ଜଣଙ୍କୁ ସହାୟତା

ସମ୍ବଲପୁର,୨୭।୮(ବି.ଶଙ୍କର)

ଡା.ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଶିକ୍ଷା ଓ ଚିକିତ୍ସା ପାଇଁ ୧୩ ଜଣଙ୍କୁ ୧ ଲକ୍ଷ ୭୨ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଶନିବାର ସନ୍ଧ୍ୟାରେ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଟ୍ରଷ୍ଟର ବୈଠକ ହୋଇଥିଲା । ଆବେଦନକାରୀଙ୍କୁ ଉପରୋକ୍ତ ପରିମାଣର ସହାୟତା ମଞ୍ଜୁରୀ ସହ ଚେକ୍ ପ୍ରଦାନ କରାଯାଇଥିଲା । ଏହାସହ ଚଳିତବର୍ଷ ରାଜ୍ୟର ଏକ ସରକାରୀ ମେଡିକାଲ କଲେଜରେ ଏମବିବିଏସ ଶ୍ରେଣୀରେ ନାମ ଲେଖାଇଥିବା ଜଣେ ଛାତ୍ରଙ୍କୁ ମଧ୍ୟ ସହାୟତା ପ୍ରଦାନ ସକାଶେ ବୈଠକରେ ମଞ୍ଜୁରୀ ଦିଆଯାଇଛି । ଟ୍ରଷ୍ଟ ସଂସ୍ଥାପିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ବୈଠକରେ ଉପସ୍ଥିତ ରହିଥିଲେ । ଟ୍ରଷ୍ଟ ସମ୍ପାଦକ ସୁଭାଷ ଚନ୍ଦ୍ର ପାଣିଗ୍ରାହୀ ବୈଠକରେ ସଂଯୋଜନା କରିଥିଲେ । କୋଷାଧ୍ୟକ୍ଷ ସ୍ୱରୂପ ପୁରୋହିତ ଆର୍ଥିକ ହିସାବ ଉପସ୍ଥାପନ କରିଥିଲେ । ବୈଠକକୁ ପର୍ଯ୍ୟବେକ୍ଷକ ଭାବେ ଆମନ୍ତ୍ରିତ ଇଓ ରଥାଙ୍ଗପାଣି ପୁରୋହିତ ଓ ଡା.ଅଶୋକ କୁମାର ପଣ୍ଡା ଟ୍ରଷ୍ଟ ପାଣ୍ଠିକୁ ଯଥାକ୍ରମେ ୨ ଲକ୍ଷ ଓ ୧ ଲକ୍ଷ ଟଙ୍କା ଏବଂ ବୁର୍ଲାର ଯୁଗଳ ପାଲ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି । ଆଲୋଚନାରେ ଟ୍ରଷ୍ଟ ସଭ୍ୟ ସୁଧୀର ପୂଜାରୀ, ଦେବାଶିଷ ନନ୍ଦ, ବିପିନ ବିହାରୀ ପଣ୍ଡା, ଶିବ ନନ୍ଦ ଓ ସୁବ୍ରତ ପଣ୍ଡା ଭାଗ ନେଇଥିଲେ ।

# ତୈଳ, ଶକ୍ତି ସଂରକ୍ଷଣ ବାର୍ତ୍ତା ଦେବାକୁ ପ୍ରୟାସ

ସମ୍ବଲପୁର,୨୭।୮(ବି.ଶଙ୍କର)

ଜାତୀୟ କ୍ରୀଡା ଦିବସ ସକାଶେ ମାରୱାଡ଼ି ଯୁବାମଞ୍ଚ ଓ ଶକ୍ତିଶାଖାର ମିଳିତ ଆୟୋଜନରେ ରବିବାର ସାଇକ୍ଲୋଥନ ୩.୦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାଇକ୍ଲୋଥନ ସହରସ୍ଥିତ ନେନସଲ ମାଣ୍ଡେଲା ଛକଠାରୁ ଶୁଭାରମ୍ଭ ହୋଇଥିଲା । ଲକ୍ଷ୍ମୀ ଟକିଜ ଛକ, ଅଇଁଠାପାଲି ଛକ ଦେଇ ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ପରେ ପୁଣି ମଣ୍ଡେଲା ଛକ ଯାଇ ଶେଷ ହୋଇଥିଲା । ଏଥିରେ ସମ୍ବଲପୁର ମାରୱାଡ଼ି ଯୁବାମଞ୍ଚ ଓ ଶକ୍ତି ଶାଖା ସହ ବିଭିନ୍ନ ସଂଗଠନ, କ୍ଲବ , ଅନେକ ଯୁବ ସମାଜ ଭାଗ ନେଇଥିଲେ । କାର୍ଯ୍ୟକ୍ରମରେ ୫ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ । ଏହି ସାଇକ୍ଲୋଥନ ମାଧ୍ୟମରେ ବର୍ତ୍ତମାନ ପରିସ୍ଥିତିରେ ଯୁବସମାଜକୁ ସୁସ୍ଥ ରଖିବା ଓ କ୍ରୀଡା ପ୍ରତି ସେମାନଙ୍କ ମନରେ ଆଗ୍ରହ ସୃଷ୍ଟି କରିବାକୁ



ରବିବାର ସମ୍ବଲପୁରରେ ଆୟୋଜିତ ସାଇକ୍ଲୋଥନ କାର୍ଯ୍ୟକ୍ରମ ।

ଅଭିନବ ପ୍ରୟାସ କରାଯାଇଛି । ଏଥିସହ ସାଇକେଲ ଚଲାଇବାକୁ ଜନଜାଗରଣ ସୃଷ୍ଟି ସହ ତୈଳ ଓ ଶକ୍ତି ସଂରକ୍ଷଣ ବାର୍ତ୍ତା ସମାଜକୁ ଦେବାକୁ ପ୍ରୟାସ କରାଯାଇଛି । ତେଣୁ ଜାତୀୟ କ୍ରୀଡା ଦିବସ ପାଇଁ ଦେଶରେ ଥିବା ମାରୱାଡ଼ି ଯୁବାମଞ୍ଚର ସମସ୍ତ ୮ଶହ ଗୋଟି ଶାଖାରେ ଏକାସାଙ୍ଗରେ ଏହି ସାଇକ୍ଲୋଥନ କାର୍ଯ୍ୟକ୍ରମ ହୋଇଛି। ସିଆରପିଏଫର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁଶାନ୍ତ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ମାରୱାଡ଼ି ଯୁବାମଞ୍ଚ ସଭାପତି ଅମିତ ଅଗ୍ରୱାଲ, ଆଇନଜୀବୀ ଡ. ପ୍ରମୋଦ ରଥ, ସାମାଜିକ କର୍ମୀ ଅରୁଣ ପଟ୍ଟୱାରୀ, ଇଂ

**ଜାତୀୟ କ୍ରୀଡା ଦିବସ ପାଇଁ ସାଇକ୍ଲୋଥନ ୩.୦ କାର୍ଯ୍ୟକ୍ରମ**

ଅଶୋକ ଜଲାନଙ୍କ ଚନ୍ଦ୍ରକୁମାର ସରାଫ, ସିଦ୍ଧାର୍ଥ ଶାହା, ଡା. କବୀର ପୁରୋହିତ, ଡା. ନିରଞ୍ଜନ ଅଗ୍ରୱାଲ, ଅରୁଣ ଟିବ୍ରିୱାଲ, ଆର୍ନ୍ତଜାତୀୟ ମାଷ୍ଟର୍ସ ଆଥେଲେଟ ସୁନ୍ଦରମଣି ବାରିକ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଏହି ସାଇକ୍ଲୋଥନର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କ୍ରୀଡା ସଂଯୋଜକ ଅଙ୍କିତ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ମଞ୍ଜୁ ଅଗ୍ରୱାଲ, ଏକତା ଟିବ୍ରିୱାଲ, ରେଣୁ ଅଗ୍ରୱାଲ, ଶ୍ରେୟାଂଶ ବଂଶଲ, ରେଣୁ ଅଗ୍ରୱାଲ, ନାରାୟଣ ଶର୍ମା, ନିଶା ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ଜବରଦଖଲ ଉଚ୍ଛେଦ ବେଳେ ପୋଲିସକୁ ଆକ୍ରମଣ

କୁଚିଣ୍ଡା,୨୭।୮(ବିରଞ୍ଚି ଦର୍ଶୀ)

ରବିବାର କୁଚିଣ୍ଡା ସହରର କୁଚିଣ୍ଡା–କୁସୁମୀ ରାସ୍ତାରେ ଥିବା ତହସିଲ ନିକଟରୁ ଜବରଦଖଲ ଉଚ୍ଛେଦ ସମୟରେ ଜବରଦଖଲକାରୀମାନେ ପୋଲିସ ଉପରେ ଆକ୍ରମଣ କରିଛନ୍ତି। କୁଚିଣ୍ଡା ଏସ୍‌ଡିପିଓ ଅମିତାଭ ପଣ୍ଡାଙ୍କ ଉପରେ ଆକ୍ରମଣ କରିଥିବା ଜବରଦଖଲକାରୀ ବାପ ଓ ଦୁଇ ପୁଅଙ୍କୁ ପୋଲିସ ଗିରଫ କରିଛି। ଅପରପକ୍ଷରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଯୋଗୁ ଆକ୍ରମଣକାରୀ ବାପ, ପୁଅଙ୍କୁ ପୋଲିସ ହେପାଜତରେ ପ୍ରଥମେ କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ୩ ଜଣଙ୍କୁ ବୁର୍ଲା ଭୀମସାର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି । ପ୍ରକାଶ ଯେ, କୁଚିଣ୍ଡା ସହରର କୁଚିଣ୍ଡା–କୁସୁମୀ ରାସ୍ତା ପାର୍ଶ୍ୱ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଓଏସଆରଟିସିର ଏକ ଜାଗା ରହିଛି । ସେଠାରେ ବେଆଇନ ଭାବେ ଜବରଦଖଲ କରିଥିବା ଦୋକାନୀମାନଙ୍କୁ ରବିବାର ଉଚ୍ଛେଦ କରାଯାଇଥିଲା । ସେହିପରି ମନ୍ତ୍ରୀମୁଣ୍ଡା ମୁଖ୍ୟ ରାସ୍ତାକଡରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା । ଜବରଦଖଲକାରୀଙ୍କୁ ପ୍ରଥମେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପାଇଁ ନୋଟିସ କରାଯାଇଥିଲେ ମଧ୍ୟ ସେମାନେ ଜାଗା ଖାଲି ନ କରିବାରୁ ଏଭଳି ପଦକ୍ଷେପ ନେଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଶନିବାର ଡାକବାଜି ଯନ୍ତ୍ର ଦ୍ୱାରା ରବିବାର ଦିନ ଉଚ୍ଛେଦ ହେବା ଘୋଷଣା ହୋଇଥିଲା । ତେବେ ଜବରଦଖଲକାରୀମାନେ କୁଚିଣ୍ଡା ଉପଜିଲାପାଳ ବିଭୂତିଭୂଷଣ ନାୟକଙ୍କୁ ଭେଟି ବିନା ଥଇଥାନରେ ଉଚ୍ଛେଦ କରା ନ ଯିବାକୁ ନିବେଦନ କରିଥିଲେ । ତେବେ ପ୍ରଶାସନ ପକ୍ଷରୁ ସହକାରୀ ଜିଲାପାଳ ଭାସ୍କର ଚନ୍ଦ୍ର ବେହେରା, ତହସିଲଦାର ପ୍ରସନ୍ନ ଟେଟେ, ଏନଏସି ଇଓ ଗୌରବ ପ୍ରଧାନଙ୍କ ଉପସ୍ଥିତରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହାର ପ୍ରତିବାଦ କରି ଭାଜପା ପକ୍ଷରୁ ଉଚ୍ଛେଦ ସ୍ଥାନରେ ଧାରଣା ଦିଆଯାଇଥିଲା । ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ଜିଲା ସାଧାରଣ ସମ୍ପାଦକ ଶୁଶିଳ କରଙ୍କ ନେତୃତ୍ୱରେ ଭାଜପା ଓ ଉଠାଦୋକାନୀମାନେ ଧାରଣା ଦେଇଥିଲେ । ପ୍ରଥମେ ଉଠାଦୋକାନୀଙ୍କୁ ଥଇଥାନ କରିବା ପରେ ଉଚ୍ଛେଦ କରିବାକୁ ଦାବି କରାଯାଇଥିଲା । ପ୍ରଶାସନ ପକ୍ଷରୁ ଖୁବଶୀଘ୍ର ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବାରୁ ଧାରଣାକାରୀ ମାନେ ସେଠାରୁ ଉଠିଯାଇଥିଲେ । ପରେ କୁଚିଣ୍ଡା–କୁସୁମୀ ନୂତନ ତହସିଲ କଡ ମନ୍ତ୍ରୀମୁଣ୍ଡାରେ ଜବରଦଖଲ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜବରଦଖଲକାରୀମାନେ ଜେସିବି ଆଗରେ ଶୋଇଯିବାରୁ ପୋଲିସ ସେମାନଙ୍କୁ ଉଠାଇବା ବେଳେ ଏସଡିପିଓ ଅମିତାଭ ପଣ୍ଡାଙ୍କ ଉପରେ ଜବରଦଖଲକାରୀ ମହେଶ ରାୟ ଓ ତାଙ୍କ ଦୁଇପୁଅ ଅଙ୍ଗଦ ଓ ସଙ୍ଗଦ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଛି । ପୋଲିସ ସେମାନଙ୍କୁ ଗିରଫ କରିଛି । ଏହାକୁ ନେଇ ସହରରେ ଚାପା ଉତ୍ତେଜନା ଲାଗି ରହିଛି ।

# ପାଣି ପାଇଁ ଗ୍ରାମବାସୀଙ୍କ ଅଭିନବ ପ୍ରତିବାଦ

ଜମନକିରା,୨୭।୮(ରବୀନ୍ଦ୍ର ପ୍ରସାଦ ଦାନୀ)

ଜଳ ଉପରେ ସମସ୍ତଙ୍କ ସମାନ ଅଧିକାର ରହିଥିବା ବେଳେ କେତେକ ଅଞ୍ଚଳରେ ସ୍ୱାର୍ଥପର ଲୋକ ନିଜସ୍ୱ ସମ୍ପତ୍ତି ଭାବେ ବ୍ୟବହାର କରୁଛନ୍ତି। ଜଳ ଟୋପାଏ ପାଇଁ କେହି ସଂଘର୍ଷ କରୁଥିବା ବେଳେ କେହି ଅପଚୟ କରୁଥିବା ଦେଖିବାକୁ ମିଳୁଛି। ଏଭଳି ଅଭିଯୋଗ ଆଣିଛନ୍ତି ସମ୍ବଲପୁର ଜିଲା ଜମନକିରା ବ୍ଲକ ବଡ଼ମାଲ ପଞ୍ଚାୟତର ସଦର ମହକୁମା ଗ୍ରାମବାସୀ। ପଞ୍ଚାୟତ କାର୍ଯ୍ୟାଳୟର ଅବହେଳା ଯୋଗୁ ଦୀର୍ଘ ୪ ମାସ ହେବ ଗ୍ରାମର ୩ଟି ପଡାର ଲୋକେ ପାଣି ପାଇବାରୁ ବଞ୍ଚିତ ଅଛନ୍ତି। ରବିବାର ଗ୍ରାମବାସୀ ଗରା, ବାଲଟି ଧରି ପଞ୍ଚାୟତ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ତେବେ ଆନ୍ଦୋଳନ ସ୍ଥଳକୁ କୌଣସି ଜନ ପ୍ରତିନିଧି କିମ୍ବା ପ୍ରଶାସନ ଅଧିକାରୀ ଆସି ନ ଥିବା ଜଣାଯାଇଛି ।

ସୂଚନା ଅନୁସାରେ, ବଡ଼ମାଲ ପଞ୍ଚାୟତ ସଦର ଗ୍ରାମରେ ୩ଟି ପଡାକୁ ପାଣି ପହଞ୍ଚି ପାରୁନାହିଁ। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଦୂରଦୃଷ୍ଟିର ଅଭାବ ଯୋଗୁ ପାଣି ପାଇପ ଲାଇନ ବିଛାଇବାରେ ତ୍ରୁଟି ହେବା ଯୋଗୁ ୩ଟି ଉପର ପଡ଼ାବାସୀ ପାଣି ପାଇବାରେ



ପାଣି ପାଇଁ ପଞ୍ଚାୟତ ଆଗରେ ଗ୍ରାମବାସୀ ବିକ୍ଷୋଭ କରୁଛନ୍ତି ।

ସମସ୍ୟା ଉପୁଜିଛି । ବଡ଼ମାଳ ଗ୍ରାମର ଉକ୍ତ ପଡ଼ାରେ ୬୯ରୁ ଉର୍ଦ୍ଧ୍ୱ ପରିବାର ରହୁଛନ୍ତି । ଏଠିକାର ଜନସଂଖ୍ୟା ୩ଶହରୁ ଅଧିକ । ପଞ୍ଚାୟତ ପକ୍ଷରୁ ଗ୍ରାମକୁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଦ୍ୱାରା ସ୍କୁଲ ଓ ପଞ୍ଚାୟତକୁ ନେଇ ୧୫ ଟି ଟ୍ୟାପ୍ ପଏଣ୍ଟ ଦିଆଯାଇଛି। କିନ୍ତୁ ଗତ ୪ ମାସ ହେଲା ଗ୍ରାମର ଗୋଣ୍ଡ, ମୁଣ୍ଡା ଓ ଓରାମ ପଡାରେ ଲାଗି ରହିଥିବା ଟ୍ୟାପ୍‌ରୁ ପଡାବାସୀ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ପଡାବାସୀଙ୍କ ଅଭିଯୋଗ ହେଲା, ଉପରପଡାଗୁଡିକରେ ପାଣି ପହଞ୍ଚୁ ନ ଥିବା କାରଣ ତଳପଡାବାସୀ ସଦାବେଳେ ଟ୍ୟାପ୍‌କୁ ଖୋଲି କି ରଖି ଦେଉଛନ୍ତି। ଏଥିସହ ଏବେ ଆବାସ ଯୋଜନା ଯୋଗୁ ଘର ପାଇଁ ଆବଶ୍ୟକ ପଡୁଥିବା ପାଣି ଏହି ଟ୍ୟାପ୍ ପଏଣ୍ଟରୁ ସଦାବେଳେ ବ୍ୟବହାର କରୁଛନ୍ତି। ଫଳରେ ଉପରପଡାକୁ ପାଣି ପହଞ୍ଚି ପାରୁନାହିଁ। ଏହାକୁ ନେଇ ପଡାବାସୀ ବାରମ୍ବାର ପଞ୍ଚାୟତ ପ୍ରଶାସନ ନିକଟରେ ଅବଗତ କରିଥିଲେ ସୁଦ୍ଧା ପ୍ରତିକାର କରାଯାଉ ନାହିଁ। ଏନେଇ ବିଭାଗର କନିଷ୍ଠ ଯନ୍ତ୍ରୀ ଜ୍ଞାନସ୍ୱରୂପା ବାଡାଙ୍କୁ ଯୋଗାଯୋଗ କରାଯିବାରେ ପାଣି ସମସ୍ୟା ନେଇ ଲିଖିତ ଅଭିଯୋଗ ଦେଲେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

### ଲେଡି ଲୁଇସ ଗର୍ଲସ ହାଇସ୍କୁଲରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ସମ୍ବଲପୁର,୨୭।୮(ବି.ଶଙ୍କର)

ସମ୍ବଲପୁରସ୍ଥିତ ଲେଡି ଲୁଇସ ଗର୍ଲସ ହାଇସ୍କୁଲ ସଭାକକ୍ଷରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମାଞ୍ଚଳ ଏକତା ମଞ୍ଚ ନାରୀଶକ୍ତି ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମଦିନ ପୂର୍ବରୁ ଛାତ୍ରୀମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ଉଜ୍ଜୀବିତ କରିବା ଲକ୍ଷ୍ୟ ନେଇ କାର୍ଯ୍ୟକ୍ରମ ହୋଇଥିଲା । ସ୍କୁଲର ପ୍ରଧାନଶିକ୍ଷକ ସୁଜିତ କୁମାର ଲୁହା ଅତିଭା ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ପଶ୍ଚିମାଞ୍ଚଳ ଏକତା ମଞ୍ଚର ଆବାହକ ଭବାନୀଶ ଭୋଇ ଓ ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ସମ୍ମାନିତ ଅତିଥି ଥିଲେ । ନାରୀଶକ୍ତି ସଂଯୋଜିକା ପଙ୍କଜିନୀ ମେହେରଙ୍କ ପରିଚାଳନାରେ ଗଙ୍ଗାଧର କାବ୍ୟ କବିତା ଆବୃତି ଓ ଆତ୍ମଜୀବନୀ ଶୀର୍ଷକ ସମ୍ବଲପୁରୀ ଭାଷାରେ ବକ୍ତୃତା ଏବଂ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା । ବକ୍ତୃତା ପ୍ରତିଯୋଗିତାରେ ପ୍ରଭାତୀ ପଣ୍ଡା ପ୍ରଥମ, ଲିଜା ସାହୁ ଦ୍ୱିତୀୟ, ସିମରନ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରବନ୍ଧରେ ଚିନ୍ମୟୀ ସେଠ ପ୍ରଥମ, ବର୍ଷାରାଣୀ ନାୟକ ଦ୍ୱିତୀୟ, ରଚିକା ରାଣୀ ପାଢୀ ତୃତୀୟ ସ୍ଥାନ ହାସଲ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ସାର୍ଟିଫିକେଟ ଦେଇ ପୁରସ୍କୃତ କରାଯାଇଥିଲା। ସ୍କୁଲର ଶିକ୍ଷୟିତ୍ରୀ ଅନୁପମା ପଣ୍ଡା, କମଳିନୀ ଆଚାର୍ଯ୍ୟ, ନିରୁପମା ଅଦାବର, ମଞ୍ଜୁ ସରାଫ, ମୋନାଲିସା ପଧାନ, ସୀମା ଶତପଥୀ, ବେଦାଞ୍ଜଳୀ ଆର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପଶ୍ଚିମାଞ୍ଚଳ ଏକତା ମଞ୍ଚ ନାରୀଶକ୍ତୀ ଜିଲା ସଂଯୋଜିକା ସ୍ୱପ୍ନିକା ନାୟକ, ସହ ସଂଯୋଜିକା ପଙ୍କଜିନୀ ବୈଠାରୁ ଓ ଝୁନୁ ତ୍ରିପାଠୀ, ମହିଳା ସଂଯୋଜିକା କାନ୍ତି ମେହେର, ଶାଖା ସଂଯୋଜିକା ସୁଜାତା ଗୁରୁ , ଲକ୍ଷ୍ମୀପ୍ରିୟା ପ୍ରଧାନ ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

# ଶୃଙ୍ଖଳିତ ଭାବେ ସେବା କରିବାକୁ ଆହ୍ୱାନ



ସମ୍ବଲପୁର ଶାନ୍ତିନଗର ବିଜେଡି କାର୍ଯ୍ୟାଳୟରେ ଯୁବକର୍ମୀଙ୍କ ବୈଠକ।

ସମ୍ବଲପୁର,୨୭।୮( ଶୁଭାଶିଷ ପାଢୀ)

**ଯୁବ ବିଜେଡିର ବୈଠକ**

ସମ୍ବଲପୁର ଶାନ୍ତିନଗରସ୍ଥିତ ବିଜେଡି କାର୍ଯ୍ୟାଳୟରେ ମହାନଗର ନିଗମ ଯୁବ ବିଜେଡି ସଭାପତି ନିଶାନ୍ତ ବହିଦାରଙ୍କ ଆହ୍ୱାନକ୍ରମେ ଯୁବ ବିଜେଡି କର୍ମୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ଥିବା ଯୁବ ବିଜେଡିର ସକ୍ରିୟ ଯୁବ ଗୋଷ୍ଠୀ ଏହି ସମାବେଶରେ ନିଜ ନିଜର ମତ ରଖିଥିଲେ । ବିଭିନ୍ନ ୱାର୍ଡରେ ବିକାଶର ଧାରାକୁ ଆହୁରି ତ୍ୱରାନ୍ୱିତ କରି ଆଗାମୀ ଦିନରେ ଏକ ହୋଇ ବିଜେଡିକୁ ବିପୁଳ ସଂଖ୍ୟାରେ ଜିତାଇବା ପାଇଁ ଶପଥ ନେଇଥିଲେ । ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇ ଯୁବକ ମାନଙ୍କୁ ଶୃଙ୍ଖଳିତ ହୋଇ ସମ୍ବଲପୁରବାସୀଙ୍କ ସେବା କରିବା ପାଇଁ ପରାମର୍ଶ ଦେଇଥିଲେ । ଯୁବ ସମାଜ ଆଗାମୀ ପିଢ଼ିର ଭବିଷ୍ୟତ । ତେଣୁ ଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବା ପାଇଁ ଉପଦେଶ ଦେଇଥିଲେ । ରାଜ୍ୟ ସାଧାରଣ ସମ୍ପାଦକ ସତୀଶ ବିଶି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଯୁବସମାଜ ସମାଜର ମୁଖ୍ୟ ସ୍ରୋତରେ ନିଜକୁ ସାମିଲ କରି ବିଶେଷ କରି ସମ୍ବଲପୁର ମା' ମାଟିର ସେବାରେ ବ୍ରତୀ ରହିବା ପାଇଁ ଅନୁରୋଧ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନରେ ଭାଗିଦାରୀ ହେବା ପାଇଁ ଆହ୍ୱାନ କରିଥିଲେ । ବିଜେଡି ନେତା ତରଣୀସେନ ଚାନ୍ଦ, ଦେବାଶିଷ ନନ୍ଦ, ରମାକାନ୍ତ ସାହୁ, ଭୋଳା ଶଙ୍କର ମହନ୍ତ୍ମ, ଅମିତାଭ ପରିଡା, ସୁରେନ୍ଦ୍ର ବିଶ୍ୱାଳ ଲିଙ୍ଗରାଜ ପରିଡା, ଶୁଭେନ୍ଦ୍ର ନନ୍ଦ ପ୍ରମୁଖ ନିଜର ମତାମତ ରଖିଥିଲେ ।

# ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟି ବୈଠକ

ସମ୍ବଲପୁର,୨୭।୮(ବି.ଶଙ୍କର)

**ବୋର୍ଡ ସଦସ୍ୟଙ୍କ ପରାମର୍ଶଗୁଡିକୁ ପ୍ରାଥମିକତା ଦିଆଯାଉଛି**

ସମ୍ବଲପୁର ରେଳ ମଣ୍ଡଳ ସମ୍ମିଳନୀ କକ୍ଷରେ ୫୩ତମ ବିଭାଗୀୟ ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ବିନିତ ସିଂ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ । ସେ କହିଥିଲେ ଯେ, ପରାମର୍ଶ ବୋର୍ଡ ସଦସ୍ୟଙ୍କ ଦ୍ୱାରା ଦିଆଯାଉଥିବା ପ୍ରସ୍ତାବ ଓ ପରାମର୍ଶଗୁଡିକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି । ଭବିଷ୍ୟତରେ ମଧ୍ୟ ଦିଆଯିବ । ସମ୍ବଲପୁର ରେଳ ମଣ୍ଡଳରେ ଚାଲିଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ସମୀକ୍ଷା କରିଥିଲେ । କୃଷ୍ଣଚନ୍ଦ୍ର ପଣ୍ଡା, ଭଜନନାଥ ଦେୱାଙ୍ଗନ, ମନୋରଞ୍ଜନ ସାହୁ, ଡ.ବିଶ୍ୱନାଥ ପାଣିଗ୍ରାହୀ, ନିଶାନ୍ତ କୁମାର ଦୀକ୍ଷିତ, ଅରୁଣ କୁମାର ମୁଖାର୍ଜୀ, ସୋମନାଥ ଅଗ୍ରୱାଲ, ରାଜେଶ କୁମାର ଅଗ୍ରୱାଲ, ମଦନ ମୋହନ ପୃଷ୍ଟି, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଗୋପାବନ୍ଧୁ ସତ୍ୟପାଠୀ, ଲିପସିତ ମିଶ୍ର, ଗୋପାଳ ପ୍ରସାଦ ଅଗ୍ରୱାଲ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସମ୍ବଲପୁର ମଣ୍ଡଳର ବିଭିନ୍ନ ସମସ୍ୟା ଏବଂ ବିକାଶ କାର୍ଯ୍ୟ ବିଷୟରେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ସମ୍ବଲପୁର ରେଳ ମଣ୍ଡଳ ଅତିରିକ୍ତ ପ୍ରବନ୍ଧକ ଆନନ୍ଦ ସିଂଙ୍କ ସମେତ ବିଭାଗୀୟ ଅଧିକାରୀମାନେ ମଧ୍ୟ ଏଥିରେ ଭାଗ ନେଇଥିଲେ । ସିନିୟର ଡିଭିଜନାଲ ବାଣିଜ୍ୟ ପରିଚାଳକ ଗାରିମା ତିୱାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

### ଭାରତୀୟ ଦଳିତ ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ବୈଠକ

ସମ୍ବଲପୁର,୨୭।୮(ବି.ଶଙ୍କର)

ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ରାଜ୍ୟ କମିଟିର ସାଧାରଣ ପରିଷଦ ବୈଠକ ରବିବାର ସମ୍ବଲପୁର ସହରସ୍ଥିତ ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତୀୟ ଦଳିତ ସାହିତ୍ୟ ଏକାଡେମୀର ରାଜ୍ୟ ସଭାପତି ନିହାଲ ସିଂ ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ କୈଳାସ ମହାରଣା ମୁଖ୍ୟଅତିଥି , ବ୍ୟଙ୍ଗ କବି ଗଦାଧର ନିଆଲ ମୁଖ୍ୟବକ୍ତା , ରୂପାଞ୍ଜଳି ରଣବିରା ଓ ଶିବଶଙ୍କର ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚଳିତବର୍ଷ ପାଇଁ ଭାରତୀୟ ଦଳିତ ସାହିତ୍ୟ ରଚନା କରିଥିବା ପ୍ରତିଭାଙ୍କୁ ରାଷ୍ଟ୍ରୀୟ ସ୍ତରରେ ସମ୍ମାନ ପ୍ରଦାନ କରାଯିବା ନେଇ ଆଲୋଚନା କରାଯାଇଥିଲା । ଓଡ଼ିଶାର ସମସ୍ତ ଜିଲାରେ ଚୟନ ପ୍ରକ୍ରିୟା କରାଯିବ । ସ୍ୱତନ୍ତ୍ର ଚୟନ କମିଟି ଗଠନ କରାଯାଇ ସେ ଉପରେ ଆଲୋଚନା ମଧ୍ୟ କରାଯାଇଥିଲା । ବୈଠକରେ ସମ୍ବଲପୁର ଜିଲା ସମେତ ରାଜ୍ୟର ବିଭିନ୍ନ ଜିଲାରୁ ଭାରତୀୟ ଦଳିତ ସାହିତ୍ୟ ଏକାଡେମୀର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଏକାଡେମୀର ସାଧାରଣ ସମ୍ପାଦକ ଫଗନୁ କୁମ୍ଭାର, ଶେଖ ଇନ୍ତିଖାଫ, ଝସକେତନ ଦୀପ, ଶିବ ନନ୍ଦ, ଅରକ୍ଷିତ ମହାନନ୍ଦ ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ଶେଷରେ ମହାସଚିବ ମୋମିନା ଖାତୁନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦେଶପ୍ରେମ, ପୂର୍ଣ୍ଣାଙ୍ଗ ଶିକ୍ଷା ଉପରେ ପ୍ରଶିକ୍ଷଣ

ସମ୍ବଲପୁର,୨୭।୮(ବି.ଶଙ୍କର)

ରାଷ୍ଟ୍ରଗଠନରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ରବିବାର ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ପ୍ରାଧ୍ୟାପକ ଡ. କାମଦେବ ସାହୁ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଦେଶପ୍ରେମ ଓ ଜାତୀୟତା ବିଷୟରେ ସେ ଶିକ୍ଷାଦାନ କରିଥିଲେ । ପୃଥିବୀର ଅନେକ ମହାପୁରୁଷଙ୍କ ଜୀବନୀକୁ ନେଇ ଦେଶପ୍ରେମ ଭାବ ଉପରେ ବ୍ୟାଖ୍ୟା କରି ଛାତ୍ରୀଛାତ୍ରମାନେ ଜାତୀୟତା ଭାବ ପୋଷଣ କରିବାକୁ ଆହ୍ୱାନ ଦେଇଥିଲେ । ଦ୍ୱିତୀୟ ଅଧିବେଶନରେ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ବହିପାଠରେ ସୀମିତ ନ ରହି ଚରିତ୍ରବାନ ହେବାକୁ ପିଲାଙ୍କୁ ଉପଦେଶ ଦେଇଥିଲେ । ମୁରଲୀଧର ପ୍ରେମନାଥ ନାୟକ ଓ ଉଦିତ ଚନ୍ଦ୍ର ପାଟଯୋଶୀ ଗୌତମ ବୁଦ୍ଧ ଓ ବିଲଗେଟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ରାଜେନ୍ଦ୍ର ପଣ୍ଡା ସମଗ୍ର ବ୍ୟବସ୍ଥା ସଞ୍ଚାଳନ କରିଥିଲେ । ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ସମ୍ପାଦକ ରଘୁନାଥ ମିଶ୍ର, ପ୍ରଫେସର ରବିନାରାୟଣ ମିଶ୍ର, ପ୍ରଫେସର ସୁରେନ୍ଦ୍ର ପ୍ରସାଦ ପଣ୍ଡା, ଅର୍ଜ୍ଜୁନ ରଞ୍ଜନ ପଣ୍ଡା, ଡା.ଗିରିଧାରୀ ହୋତା, ଡା.ଜୟଦେବ ମେହେର, ବିଭୂତି ନାରାୟଣ ମାଝୀ, ଗୋଲକ ବିହାରୀ ମିଶ୍ର ପ୍ରମୁଖ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ବିଜୟ କୁମାର ସାହୁ ଓ ସୁନନ୍ଦା ପ୍ରଧାନ ସହଯୋଗ କରିଥିଲେ। ପ୍ରଶିକ୍ଷଣ ଶିବିରରେ ଜିଲାର ୧୨ଟି ହାଇସ୍କୁଲ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ ।



ରବିବାର ଅନୁଷ୍ଠିତ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରରେ ଛାତ୍ରୀଛାତ୍ରମାନେ।

# ନାଟକର ଥାଏ ଏକ ଭିନ୍ନ ଭାଷା

ସମ୍ବଲପୁର,୨୭।୮(ବି.ଶଙ୍କର)

ପ୍ରମୋଦ ତ୍ରିପାଠୀ ସ୍ମୃତି ସଂସଦ ପକ୍ଷରୁ ଜେଲ ଛକସ୍ଥିତ ସମ୍ବଲପୁର କଳାକେନ୍ଦ୍ର ସଭାକକ୍ଷଠାରେ ପ୍ରମୋଦନାମା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ନାଟ୍ୟବିତ୍ ଡ.ଶ୍ୟାମସୁନ୍ଦର ଧର ସଭାପତିତ୍ୱ କରିଥିଲେ । ଭୁବନେଶ୍ୱର ନାଟ୍ୟ ଚେତନାର ନାଟ୍ୟକର୍ମୀ ସୁବୋଧ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ନାଟକର ଏକ ଭିନ୍ନ ଭାଷା ଥାଏ । ସଂଳାପ ଯେ କୌଣସି ଭାଷାରେ ଥାଉ ନା କାହିଁକି ନାଟକର ଭାଷାରେ ଏକ ହୋଇଯାଏ । ଏହି ଭାଷା ହେଉଛି ଦେଖିବାର ଭାଷା । ନାଟକର ସଂଳାପରେ କିଛିମାତ୍ର ଶବ୍ଦ ମଧ୍ୟରେ ବହୁତ କିଛି ପ୍ରକାଶ କରିବାର କ୍ଷମତା ରହିଥାଏ । କୌଣସି ଅଞ୍ଚଳର ନିଜସ୍ୱ ସଂସ୍କୃତିକୁ ପ୍ରଦର୍ଶନ କରିବାକୁ ହେଲେ , ସେହି ଅଞ୍ଚଳର ସଂସ୍କୃତିରେ ରହିଥିବା ଉପାଦାନକୁ ଗୁରୁତ୍ୱ ଦେବା ଉଚିତ। ମାଟିର ଭାଷା ନେଇ ନାଟକ ଉପସ୍ଥାପିତ ହେଲେ ତାହା ମର୍ଯ୍ୟାଦା ବୃଦ୍ଧି କରିଥାଏ । ସମ୍ମାନିତ ଅତିଥି କେଶରଞ୍ଜନ ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ,ନାଟକର କେତେକ ଉପାଦାନ ସମଗ୍ର ବିଶ୍ୱରେ ସମାନ ହୋଇଥାଏ । ପ୍ରତ୍ୟେକ



ରବିବାର ସମ୍ବଲପୁର କଳାକେନ୍ଦ୍ର ସଭାକକ୍ଷଠାରେ ଅନୁଷ୍ଠିତ ପ୍ରମୋଦନାମା କାର୍ଯ୍ୟକ୍ରମରେ ଅତିଥି ।

**କଳାକେନ୍ଦ୍ରରେ ପ୍ରମୋଦନାମା କାର୍ଯ୍ୟକ୍ରମ**

- ଅଭିନେତ୍ରୀ ଅଞ୍ଜଳି, ଅଭିନେତା ସଞ୍ଜୀବ ସମ୍ମାନିତ

ସ୍ଥାନରେ ନାଟକର ପ୍ରଦର୍ଶନକୁ ଗୁରୁତ୍ୱ ଦିଆଯାଏ । ଦର୍ଶକକୁ ଅନ୍ଧାରରେ ରଖି ମଞ୍ଚରେ କଳାକାର ଉପରେ ଆଲୋକ ଦେଇ ନାଟକକୁ ଦର୍ଶକମାନଙ୍କ ମାନସରେ ପ୍ରବେଶ କରାଇବା ଏକ କଠିନ କାର୍ଯ୍ୟ । ଏସୀୟ ନାଟକର ପ୍ରାଚୀନତାର ନିଦର୍ଶନ ବେଦରେ ରହିଛି । ନାଟ୍ୟ ପରମ୍ପରା ବଳିଷ୍ଠ ନ ଥିଲେ ଭରତଙ୍କ ନାଟ୍ୟଶାସ୍ତ୍ର ରଚିତ ହୋଇ ପାରି ନ ଥାନ୍ତା । ଓଡିଶାର ପ୍ରାଚୀନ ଶିଳାଲେଖରେ ସମାଜ ଶବ୍ଦ ନାଟକ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଥିବା ଦେଖାଯାଏ । ସମସ୍ତ ଆଧୁନିକ ଓଡିଆ ନାଟକକୁ ଆମେ ଆନ୍ତର୍ଜାତିକ ସ୍ତରରେ ବିବେଚନା କରି ପାରିବା। ତେବେ ଆମେ ନିଜ ସଂସ୍କୃତିକୁ ହିଁ ନେଇ ଆଗକୁ ବଢିବା ଓ ଆମକୁ ଆନ୍ତର୍ଜାତିକ ସ୍ତରରେ ପ୍ରତିଷ୍ଠିତ କରିପାରିବା ବୋଲି ସେ କହିଥିଲେ । ସ୍ମୃତି ସଂସଦର ଆବାହକ ଡ.ଦ୍ୱାରିକାନାଥ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଭିନେତ୍ରୀ ଅଞ୍ଜଳି ମହନ୍ତମ ଓ ଅଭିନେତା ସଞ୍ଜୀବ କୁମାର ମାଝୀଙ୍କୁ ପ୍ରମୋଦ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅତିଥିମାନେ ପ୍ରମୋଦ ତ୍ରିପାଠୀଙ୍କ ନାଟକ ରାଜକୀୟ ଲୋକାର୍ପଣ କରିଥିଲେ । ଡ. ଗୌରୀଦାସ ପ୍ରଧାନ ମାନପତ୍ର ପାଠ କରିଥିଲେ ।

